### ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଜାନୁଆରୀରେ ୩୭ ଦୁର୍ଘଟଣା; ଯାଇଛି ୨୩ ଜୀବନ

**ଅନୁଗୋଳ, ୨୨।୨(ସମିସ)**




ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଗତ ଜାନୁୟାରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ, ଗତ ଜାନୁୟାରୀ ମାସରେ ଜିଲ୍ଲାରେ ମୋଟ୍ ୩୭ଟି ଦୁର୍ଘଟଣା ଘଟିଥିବା ବେଳେ ୨୩ ଜଣଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ଆହତ, ୪ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେହିପରି ୯୮୨ ଜଣ ବିନା ହେଲମେଟ୍, ୪୭ ଜଣ ବିନା ସିଟ୍ ବେଲ୍ଟ ଓ ୬୪୨ ଜଣଙ୍କଠାରୁ ଦ୍ରୁତ ଗାଡ଼ିଚାଳନା ପାଇଁ ଜରିମାନା ଆଦାୟ କରାଯାଇଥିବା ବେଳେ ୧୮୫ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇ ୨୫ଟି ଗାଡ଼ି ଜବତ କରାଯାଇଥିଲା। ଦିନକୁ ଦିନ ବଢୁଥିବା ଦୁର୍ଘଟଣା ଜନିତ ମୃତ୍ୟୁକୁ ନେଇ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିଥିଲେ। ଘଟିଥିବା ଦୁର୍ଘଟଣା ମଧ୍ୟରୁ ଅଧିକାଂଶ ଦୁର୍ଘଟଣା ବେପରୁଆ ଗାଡ଼ିଚାଳନା ଯୋଗୁଁ ହୋଇଥିବାରୁ ପୁଲିସ ଓ ପରିବହନ ଅଧିକାରୀ ମିଳିତ ଚଢ଼ଉ କରିବା ସହ ଯାନବାହାନ, ହେଲମେଟ୍, ସିଟ୍ ବେଲ୍ଟ ଇତ୍ୟାଦିର କଡ଼ା ଯାଞ୍ଚ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖରାପ ହୋଇଯାଇଥିବା ଜାତୀୟ ରାଜପଥଗୁଡ଼ିକୁ ଖୁବ୍ ଶୀଘ୍ର ମରାମତି କରିବା ପାଇଁ ଏନ୍ଏଚ୍ଏଆଇ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୫୫ନଂ. ଜାତୀୟ ରାଜପଥର ବଅଁରପାଳ ଛକରୁ ରକ୍ତଲେଇ ପର୍ଯ୍ୟନ୍ତ ରାସ୍ତା ମରାମତି କାର୍ଯ୍ୟ ଚାଲୁଥିବାରୁ ଭାରୀଯାନ ଚଳାଚଳ କଟକଣାକୁ ସକାଳ ୯ ଘଟିକାରୁ ରାତି ୮ ଘଟିକା ପରିବର୍ତ୍ତେ ସକାଳ ୯ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ବଢ଼ାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ ଓ ଟ୍ରକ୍ ମାଲିକ ସଂଘର ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, ଅନୁଗୋଳ ଏମଭିଆଇ ବିଭୁରଞ୍ଜନ ନାଏକ, ତାଳଚେର ଏମଭିଆଇ ପ୍ରିୟବ୍ରତ ମହାନ୍ତି, ଜୁନିଅର ଏମଭିଆଇ ଦିବ୍ୟଜ୍ୟୋତି ମହନ୍ତ, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଅଜାତଶତ୍ରୁ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

**ଆଠମଲ୍ଲିକ, ୨୨।୨(ସମିସ):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କମ୍ପଲା ଗ୍ରାମପଞ୍ଚାୟତଠାରେ ବିଜୁ ଜନତା ଦଳ ତରଫରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, କମ୍ପଲା ଗ୍ରାମପଞ୍ଚାୟତ ସରପଞ୍ଚ ସୁଧୀର କୁମାର ସେଠୀ, ପାଞ୍ଚ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିରେଖା ମାହାର, ଆଠମଲ୍ଲିକ ବିଜୁ ଜନତା ଦଳର ଯୁବ ସଂଗଠକ ମହେନ୍ଦ୍ର କୁମାର ସାହୁ, କମ୍ପଲା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ କାଶୀନାଥ ସାହୁ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସେମାନେ ସଂକଳ୍ପ ନେଇଥିଲେ।



## ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଆଠମଲ୍ଲିକ, ୨୨।୨(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦଫା ଦାବି ନେଇ ଆଗ୍ନିକ, ମୁଖ୍ୟ ଆଗ୍ନିକ, ଆଗ୍ନିକ ଗାଡ଼ି ଚାଳକ ଓ ଡ୍ରାଇଭର ହାବିଲଦାରମାନେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସଙ୍ଘର ସରକାରୀ ପଞ୍ଜୀକରଣ ଏବଂ ଆଗ୍ନିକ, ଆଗ୍ନିକ ଗାଡ଼ି ଚାଳକ, ହାବିଲଦାର, ( ମୁଖ୍ୟ ଆଗ୍ନିକ, ଡ୍ରାଇଭର ହାବିଲଦାର ) ଙ୍କ ପୂର୍ବପରି ଓଡ଼ିଶା ପୁଲିସ ସିପାହୀ ଓ ହାବିଲଦାରଙ୍କ ଦରମା ଲେବଲ ଓ ଭତ୍ତା ସହ ସମାନ କରିବା ଆଦି ଦୁଇଟି ଦାବିକୁ ନେଇ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଓଡିଶା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କ ୧୩ ଟି ପଦବୀ ସ୍ତରରୁ ୧୧ ଟି ସ୍ତରରେ ଓଡିଶା ପୁଲିସ କର୍ମଚାରୀଙ୍କ ଭଳି ଦରମା ପ୍ରଦାନ କରାଯାଇଥିବା ସ୍ଥଳେ ଦୁଇଟି ସ୍ତରରେ କର୍ମଚାରୀମାନେ କମ ଦରମା ପାଉଛନ୍ତି। ତେଣୁ ଏହି ଧାରଣା ଦେଇଛନ୍ତି। ଏହି ଧାରଣା ଅଗ୍ନିଶମ ବିଭାଗର ଡ୍ରାଇଭର, ହାବିଲଦାର, ଆଗ୍ନିକ କର୍ମଚାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ଦୁଇମାସ ତଳେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିଲେ।

## ମା' ସାତଭଉଣୀଙ୍କ ବାର୍ଷିକ ପୂଜା ପାଇଁ ପ୍ରସ୍ତୁତି

**ଅନୁଗୋଳ, ୨୨।୨(ସମିସ):** ଅନୁଗୋଳ ବ୍ଲକ ଅନ୍ତର୍ଗତ ରନ୍ତଲେଇ ଗ୍ରାମରେ ପୂଜା ପାଇଆସୁଛନ୍ତି ମା' ସାତ ଭଉଣୀ ଓ ସାଥୀରେ ଭୁ ବାରଡ଼ାଙ୍ଗୁଆ। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ପାଳନହେବାକୁ ଯାଉଛି ମା'ଙ୍କ ଏହି ବାର୍ଷିକ ପୂଜା। ଆସନ୍ତା ମାର୍ଚ୍ଚ ୧୧ରେ ପୂଜା ପାଳନ ହେବାକୁଥିବା ବେଳେ ଆଜି ଏନେଇ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।



ଉକ୍ତ ବୈଠକରେ ମା'ଙ୍କ ପୂଜା କିଭଳି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ଏବଂ ଭକ୍ତମାନେ ଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଶରତଚନ୍ଦ୍ର ସାସମଲ, ସାଧାରଣ ସମ୍ପାଦକ ଅମୂଲ୍ୟ ବେହେରା, ବିପିନ୍ ବିଶ୍ୱାଳ, ଜିତେନ୍ଦ୍ର ବେହେରା, ବାବୁଲା ବିଶ୍ୱାଳ, ତ୍ରିପୁର ବେହେରା, ଅଙ୍ଗଦ ଦାସ୍, ଭରତ ବିଶ୍ୱାଳ, ପୂଜକ ରାମଚନ୍ଦ୍ର ବିଶ୍ୱାଳ, ପବନ ସାସମଲ, ସମ୍ଭୁନାଥ ସାସମଲ ପ୍ରମୁଖ ୫୦୦ ସଦସ୍ୟ ଉପସ୍ଥିତ ରହିଥିଲେ। ମା' ସାତ ଭଉଣୀଙ୍କ ଏହି ପୂଜାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ ରନ୍ତଲେଇ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

### ■ ସ୍ୱାଧୀନତା ସଂଗ୍ରାମୀ କସ୍ତୁରବା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀରେ ପଥପ୍ରାନ୍ତ ସଭା

# 'ପ୍ରଦୂଷଣମୁକ୍ତ ପରିବେଶ ନାଗରିକଙ୍କ ଅଧିକାର'

**ତାଳଚେର ସଦର, ୨୨।୨(ସମିସ):** ପ୍ରଦୂଷଣ ମୁକ୍ତ ପରିବେଶ ନାଗରିକଙ୍କ ଅଧିକାର ବୋଲି ସ୍ୱାଧୀନତା ସଂଗ୍ରାମୀ କସ୍ତୁରବା ଗାନ୍ଧୀଙ୍କ ୮୦ ତମ ଶ୍ରାଦ୍ଧବାର୍ଷିକୀରେ ତାଳଚେରର ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପରିବେଶ ସୁରକ୍ଷା, ନିଶା ନିବାରଣ, ଏବଂ ନାଗରିକ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଜନସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଆସି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ




ମାଲ୍ୟାର୍ପଣ କରାଯାଇଥିଲା। ପରିବେଶବିତ୍ ତଥା ଆଇନଜୀବୀ ବାଉରୀବନ୍ଧୁ ବେଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଅରେନ୍ ପାଣି, ଦେବୀ ପ୍ରସାଦ ପୃଷ୍ଟି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାମନ୍ତ, ଆପ୍ ନେତା ରଂଜିତ୍ କୁମାର ମହାପାତ୍ର, ବିଜେପିର ପୂର୍ବତନ କାଉନସିଲର ଜିତେନ୍ଦ୍ର ଦାସ, କଂଗ୍ରେସ ନେତା ହରେକୃଷ୍ଣ ମହାପାତ୍ର, ନିରାକାର ସାମଲ, ଶ୍ରୀକାନ୍ତ ସାହୁ ପ୍ରମୁଖ ପଥପ୍ରାନ୍ତ ସଭାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତାଳଚେର ସର୍ବାଧିକ ପ୍ରଦୂଷିତ ଅଞ୍ଚଳ ଘୋଷିତ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ, ଏମସିଏଲ୍ ଓ ନାଲକୋ କର୍ତ୍ତୃପକ୍ଷ ଅନ୍ଧ, ମୂକ, ବଧିର ସାଜି ରହିବା ନିନ୍ଦନୀୟ ବୋଲି କହିଥିଲେ। ଶେଷରେ ରଣଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ ପାଳିତ

**ନାଲକୋ ନଗର, ୨୨।୨(ସମିସ):** ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିରର ଉପାଧ୍ୟକ୍ଷା ସସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍ନିଗ୍ଧାରାଣୀ ମିଶ୍ର ଓଡ଼ିଆ ସାହିତ୍ୟିକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅହିଂସା ପ୍ରିୟଦର୍ଶିନୀ ସେନାପତି ବୁଢ଼ା ଶଙ୍ଖାରୀ ଗଳ୍ପ ଛାତ୍ରଛାତ୍ରୀମାନଙ୍କୁ ଅତି ସୁନ୍ଦର ଭାବରେ କହିଥିଲେ। ଭାଷା ସାହିତ୍ୟରେ ଶ୍ରବଣ, କଥନ, ପଠନ, ଲିଖନର ଅଭ୍ୟାସ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହୁ ବୋଲି ଶ୍ରୀମତି ସେନାପତି କହିଥିଲେ। ଉକ୍ତ ଦିବସରେ ସାହିତ୍ୟ ସଂସଦର ସଂପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତି, ପ୍ରଣତୀ ପାଢି, ସ୍ନିଗ୍ଧା ମିଶ୍ର, ନରେନ୍ଦ୍ର ପ୍ରଧାନ, ମିନାକ୍ଷୀ ପ୍ରତିହାରୀ, ସସ୍ମିତା ପୃଷ୍ଟି, ପ୍ରତିମାରାଣୀ ସନ୍ଧିବିଗ୍ରହ, ଅଜିତ କୁମାର ବିଶ୍ୱାଳ, ଇତିଶ୍ରୀ ତ୍ରିପାଠୀ, ଉଦ୍ଧବ ବିଶ୍ୱାଳ ଓ ଦୀପ୍ତି ମହାନ୍ତି ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନିଲ କୁମାର ବିଶ୍ୱାଳ। ସସ୍ମିତା ପୃଷ୍ଟି 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ପରିଶେଷରେ ସଂପାଦିକା ଅହିଂସା ପ୍ରିୟଦର୍ଶିନୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।




## ବିଶିଷ୍ଟ ଅନୁବାଦକ ଦୀନେଶ ମାଳି ସମ୍ମାନିତ



**କଣିହା, ୨୨।୨(ସମିସ):** ଏକ ଭବ୍ୟ କାର୍ଯ୍ୟକ୍ରମରେ ବିଶିଷ୍ଟ ଅନୁବାଦକ ତଥା କଣିହାଁ ପୋଖରିଆ ଖାଦାନର ବରିଷ୍ଠ ଅଧିକାରୀ ଦୀନେଶ କୁମାର ମାଳି ଏକ ସମ୍ମାନ ଜନକ ପୁରସ୍କାରର ଅଧିକାରୀ ହେଇଛନ୍ତି। ଯାଜପୁର ଜିଲ୍ଲାର ରତ୍ନଗିରି ନିକଟସ୍ଥ ରଇପୁର ଘାଟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମ ଜୟନ୍ତୀ ଅବସରରେ ଯୁଗାନ୍ତର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭବ୍ୟ କାର୍ଯ୍ୟ କ୍ରମରେ ଶ୍ରୀ ମାଳି ସଂଗ୍ରାମୀ ଅଭିମନ୍ୟୁ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ସାମାଜିକ କର୍ମୀ, ସାମ୍ବାଦିକ, ସାହିତ୍ୟିକ, କାବ୍ୟ, ବ୍ୟଙ୍ଗକବି ଓ ଉଲ୍ଲେଖନୀୟ କାର୍ଯ୍ୟର ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ବିଶିଷ୍ଟ ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଡ. ଭାଗ୍ୟଧର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ।

# ୨୪ରୁ ପ୍ରାଇଡ୍ ଫର୍ ପବିତ୍ରମୋହନ ସର୍ବଭାରତୀୟ ଭଲିବଲ କପ୍



**ଅନୁଗୋଳ, ୨୨।୨(ସମିସ)**

ଆସନ୍ତା ୨୪ ତାରିଖରୁ ଅନୁଗୋଳ ସିଟିଜେନ ପକ୍ଷରୁ ପ୍ରାଇଡ୍ ଫର ପବିତ୍ରମୋହନ ସର୍ବଭାରତୀୟ ଭଲିବଲ କପ ଅନୁଷ୍ଠିତ ହେବ। ଫେବୃୟାରୀ ୨୪ ଓ ୨୫ ତାରିଖରେ ବାସନ୍ତୀ ଦୁର୍ଗାପୂଜା ପଡ଼ିଆଠାରେ ଏହି ଭଲିବଲ କପ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଅନୁଗୋଳ ଜିଲ୍ଲା ତଥା ରାଜ୍ୟରୁ ୮ ଟି ଟିମ୍ ଅଂଶଗ୍ରହଣ କରିବେ। ଦ୍ୱିତୀୟ ଦିନ ସର୍ବଭାରତୀୟ ସ୍ତରରୁ ୪ ଟି ଟିମ୍ ରାଇଗଡ଼, ବିଲାଶପୁର ରେଳବାଇ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ରାଇଜିଂ କ୍ଲବ ସାମିଲ ହେବେ। ପ୍ରଥମ ଦିନରେ ବିଜେତାଙ୍କୁ ଟ୍ରଫି ସହ ୧୨, ୦୦୧ ଟଙ୍କା ଓ ରନର୍ସ ଅପଙ୍କୁ ୮, ୦୦୧ ଟଙ୍କା ପ୍ରଦାନ କରାଯିବ। ଦ୍ୱିତୀୟ ଦିନରେ ବିଜେତାଙ୍କୁ ଟ୍ରଫି ସହ ୩୦, ୦୦୧ ଟଙ୍କା ଓ ରନର୍ସ ଅପଙ୍କୁ ୨୫, ୦୦୧ ଟଙ୍କା ପ୍ରଦାନ କରାଯିବ। ଉଦଘାଟନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଉଦଯାପନୀ ଦିବସରେ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରାଙ୍କ ସହ ଢେଙ୍କାନାଳ ସାଂସଦ ମହେଶ ସାହୁ ପ୍ରମୁଖ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ସିଟିଜେନର ସଭାପତି ଦୀପକ ରାଉଳ, ଉପଦେଷ୍ଟା ମାନସ ରଞ୍ଜନ ମିଶ୍ର, ମୁଖ୍ୟ ଅତିଥି ଭାବେ ଅନୁଗୋଳ ପୌରପାଳିକା ନଗରପାଳ ଅକ୍ଷୟ ସାମନ୍ତ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମାଜସେବୀ ସୁନୀଲ ପ୍ରଧାନ ଉପସ୍ଥିତ ରହି ଅନୁଷ୍ଠାନର ଏକ ଜର୍ସି ଉନ୍ମୋଚନ କରିଥିଲେ।

## ତାଳଚେରରେ ବଢୁଛି ଖରାତାତି

**ତାଳଚେର, ୨୨।୨ (ସମିସ):** ତାଳଚେରରେ ଖରାର ପ୍ରକୋପ ମାଘ ମାସ ନ ସରୁଣୁ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ଏଠାରେ କୁହାଯାଏ ଯେ, ମାଘମାସରେ ବାଘଭଳି ଶୀତ ମାଡ଼ି ଆସେ କିନ୍ତୁ, ବର୍ତ୍ତମାନ ଏହା ଭୁଲ ପ୍ରମାଣିତ ହୋଇ ତା'ର ଓଲଟା ଦେଖିବାକୁ ମିଳିଛି। ଯଦି ଏଭଳି ପରିସ୍ଥିତି ଲାଗି ରହେ ତେବେ ମାର୍ଚ୍ଚ ମାସ ବେଳକୁ ପଦାକୁ ବାହାରିବା ସମ୍ଭବପର ହୋଇପାରିବ ନାହିଁ ବୋଲି ପରିବେଶବିତ୍ ମାନେ ପ୍ରକାଶ କରିଛନ୍ତି। ତାଳଚେରରେ ବ୍ୟାପକ ଖଣି ଖଦାନ ସହ ବିଭିନ୍ନ କଳ କାରଖାନାରୁ ଉତ୍ପନ୍ନ ହେଉଥିବା ଗ୍ୟାସ୍ ଓ ଖଣିରେ କୋଇଲା ପୋଡ଼ି ହେତୁ ଗ୍ରୀଷ୍ମତାପ ଦ୍ୱିଗୁଣିତ ହୋଇଯାଇଥାଏ। ଗଭୀର ଖଣି ମାଟିରୁ ଜଳସ୍ତର ହ୍ରାସ ପାଉଥିବାରୁ ନଦୀ, ନାଳ, କୂଅ, ପୋଖରୀ ଶୁଷ୍କ ହେବା ଯୋଗୁଁ ଗୁଳୁଗୁଳି ଅଧିକ ଅନୁଭୂତ ହୋଇଥାଏ। ତେଣୁ ପ୍ରଶାସନ ଏଥିପ୍ରତି ଯତ୍ନବାନ୍ ହୋଇ ଗାଁ ଗଣ୍ଡାକୁ ପାନୀୟ ଜଳ, ଛକସ୍ଥାନରେ ଜଳଛତ୍ର, ପ୍ରତ୍ୟେକ ଗାଁ ଏବଂ ସହର ମଧ୍ୟରେ ରହିଥିବା ନଳକୂପ ଗୁଡ଼ିକୁ ଯୁଦ୍ଧଭିତିରେ ମରାମତି କରିବା, ଖଣି ପରିସରରେ ପାଣିସିଞ୍ଚନ ବ୍ୟବସ୍ଥା ଇତ୍ୟାଦି କରିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରୁ ଦାବିହେଉଛି।



## ନିତ୍ୟାନନ୍ଦ ଆଶ୍ରମରେ ଅଷ୍ଟପ୍ରହର ନାମଯଜ୍ଞ



**ତାଳଚେର, ୨୨।୨(ସମିସ):** ତାଳଚେର ଟାଉନଥାନା ସମ୍ମୁଖରେ ରହିଥିବା ବହୁ ପୁରାତନ 'ଜୟ ନିତାଇ ଆଶ୍ରମ'ରେ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ଫେବୃୟାରୀ ୨୧ରୁ ୨୩ ତିନିଦିନ ଧରି ପ୍ରଭୁଙ୍କ ଜନ୍ମୋତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨୧ ତାରିଖରେ ଅଧିବାସ, ୨୨ ତାରିଖରେ ନାମଯଜ୍ଞ ପରେ ୨୩ରେ ନଗରକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହେବ। ବିଧିବିଧାନ ଅନୁଯାୟୀ ନିତ୍ୟାନନ୍ଦ ଆଶ୍ରମର ଭକ୍ତବୃନ୍ଦ କଳସୀରେ ସୁଦ୍ଧପୁତ ହୋଇ ବ୍ରାହ୍ମଣୀ ନଦୀରୁ ଅଭିମନ୍ତ୍ରିତ ଜଳ ଆଣି ସ୍ଥାପନ କରିବା ପରେ ବିଭିନ୍ନ ଦେବାଦେବୀଙ୍କ ଆହ୍ୱାନ, ସୂର୍ଯ୍ୟପୂଜା, ମଣ୍ଡଳ ପୂଜା, ଗ୍ରହପୂଜା ଇତ୍ୟାଦି ସରିବା ପରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ହରିନାମ ନାମ ସଂକୀର୍ତ୍ତନରେ ଆଶ୍ରମ ପରିସରଟି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞରେ ମହିଳା, ପୁରୁଷ ଓ ଛୋଟପିଲାମାନେ ସାମିଲ ହୋଇଥିଲେ ଏବଂ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# ସାରୁଆଳିରେ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ

**କାମାକ୍ଷାନଗର, ୨୨।୨ (ସମିସ)**

ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଉଭୟ ପ୍ରକଳ୍ପକୁ ଉଦଘାଟନ କରିଥିଲେ।

ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ବେଳେ ୪୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ନିର୍ମାଣ



କରାଯାଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ଭତ୍ତା ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ସହ ନୂତନ ଭାବେ ୭୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

ଏହି ଅବସରରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ ଯୋଗ ଦେଇଥିଲେ। ସାରୁଆଳି ପଞ୍ଚାୟତର ସରପଞ୍ଚ ମଦନଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସାରୁଆଳି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଶତାଧିକ ଲୋକ ଓ ହିତାଧିକାରୀ ଯୋଗ ଦେଇଥିଲେ।

## ବାଇକ୍ ଡିକିଭାଙ୍ଗି ୧ ଲକ୍ଷ ୮୦ ହଜାର ଲୁଟ୍



**କାମାକ୍ଷାନଗର, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ପିତିରି ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକ ପ୍ରଭାତ କୁମାର ପାଣିଙ୍କ ବାଇକ୍ ଡିକି ଭାଙ୍ଗି ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଜିଆରଏସ୍ ପ୍ରଭାତ ଖାଲପାଳ ଗାଁ କୋଠଘରଠାରେ ଭତ୍ତା ବଣ୍ଟନ କରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଭତ୍ତା ବଣ୍ଟନ ବେଳେ ପିତିରି ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ବର୍ମା ଉପସ୍ଥିତ ଥିଲେ। ସାମାନ୍ୟ ଅସାବଧାନତା କାରଣରୁ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ଭତ୍ତା ଟଙ୍କା ଲୁଟି ନେବାରେ ସଫଳ ହୋଇଛନ୍ତି। ଏ ନେଇ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ସିସିଟିଭି ଆଧାରରେ ତଦନ୍ତ କରୁଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତଦେହ ଠାବ

**ରାସୋଲ,୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ଗ୍ରାମର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାବନ୍ଧ ଗ୍ରାମର ଅକ୍ଷୟ ନାଏକ(୩୫)ଙ୍କ ମୃତଦେହ ତାଙ୍କ ଘର ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ଦେଖି ଗ୍ରାମବାସୀ ପୁଲିସକୁ ଖବରଦେବା ପରେ ରାସୋଳ ପୁଲିସ ଏବଂ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପାରିବାରିକ କଳହରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୁଲିସର ତଦନ୍ତ ଏବଂ ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି। ଅକ୍ଷୟଙ୍କ ୯ ବର୍ଷର ଏକମାତ୍ର ଝିଅ ରହିଥିବା ବେଳେ ୮ ବର୍ଷ ପୂର୍ବେ ପତ୍ନୀ ମୃତ୍ୟୁବରଣ କରିଛନ୍ତି।

## ମନ୍ତ୍ରୀଙ୍କ ଦ୍ୱାରା ବର୍ଦ୍ଧିତ ଭତ୍ତା ବଣ୍ଟନ



**ମାର୍ଥାପୁର, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତ ପରିସରରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଓ ରେସନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ସମିତି ସଭ୍ୟା ପୁଷ୍ପାଞ୍ଜଳି ରାଉତ, ବ୍ଲକ ସଭାନେତ୍ରୀ ପୁଷ୍ପଲତା ରାଉତ, ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ପ୍ରମୋଦ ସାହୁଙ୍କ ସମେତ ବ୍ଲକ ଯୋଗାଣ ଅଧିକାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବାର୍ସା ମାରାଣ୍ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ବନ୍ଦ

## ପ୍ରତିବାଦରେ ଦଲିଲ୍ ଲେଖକ ସଂଘର ଧାରଣା

**କାମାକ୍ଷାନଗର, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବରେଜିଷ୍ଟ୍ରି କାର୍ଯ୍ୟାଳୟରେ ଚଳିତବର୍ଷ ଜାନୁୟାରୀ ମାସଠାରୁ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ବନ୍ଦ ରହିଛି। ଏହାକୁ ପ୍ରତିବାଦକରି କାମାକ୍ଷାନଗର ଦଲିଲ ଲେଖକ ଓ ମୋହରିର ସଂଘ ପକ୍ଷରୁ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରିରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କୌଣସି ପ୍ରଜାର ଆବଶ୍ୟକ ପଡ଼ିଲେ ସେ ନିଜ ବ୍ୟକ୍ତିଗତ ଜମିକୁ ବିକ୍ରି କରିଥାନ୍ତି। ମାତ୍ର କାମାକ୍ଷାନଗର ସବରେଜିଷ୍ଟର ଲୋକେଶ କୁମାର ରଥ ସହରାଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ଥିବା ବ୍ୟକ୍ତି ଜମିର କିଛି ଅଂଶ ବିକ୍ରି କରିବାକୁ ଚାହିଁଲେ, ସେ ଏହାକୁ ଅଗ୍ରାହ୍ୟ କରି ସମସ୍ତ ଜାଗା ବିକ୍ରିକଲେ ଜମି ରେଜିଷ୍ଟ୍ରେସନ ହେବ ବୋଲି କହି ସାଧାରଣ ପ୍ରଜାଙ୍କୁ ଫେରାଇ




ଦେଉଛନ୍ତି। ସମଗ୍ର ଓଡ଼ିଶା ଏପରିକି ଢେଙ୍କାନାଳ ଜିଲ୍ଲାର ସମସ୍ତ ରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ଏପରି ଆଇନ ଲାଗୁ ହେଉ ନଥିବା ବେଳେ କାମାକ୍ଷାନଗରରେ ବ୍ୟତିକ୍ରମ ହୋଇଛି ଓ ଅଧୀକାରୀ ଜାଣିଶୁଣି କ୍ରେତା ଓ ବିକ୍ରେତାଙ୍କୁ କାର୍ଯ୍ୟାଳୟରୁ ଫେରାଇ ଦେଉଛନ୍ତି। ଏ ନେଇ କାମାକ୍ଷାନଗର ଦଲିଲ ଲେଖକ ଓ ମୋହରିର ସଙ୍ଘ ପକ୍ଷରୁ ପ୍ରତିବାଦ କରି ଆନ୍ଦୋଳନ ଆରମ୍ଭ ହୋଇଛି। ସଂଘର ସଭାପତି ରବିନାରାୟଣ ସାମଲଙ୍କ ନେତୃତ୍ୱରେ ଉପସଭାପତି ଅଖିଳ କୁମାର ମହାପାତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ରମାକାନ୍ତ ତ୍ରିପାଠୀ, ଆଇନ ପରାମର୍ଶଦାତା ଦୋଳଗୋବିନ୍ଦ ବେହେରା, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦାସ, ଅଜୟ ପଟ୍ଟନାୟକ, ଅକ୍ଷୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ସଭ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଦ୍ୱିତୀୟ କପିଳାସ ପଥରଗଡ଼ର ପୁନରୁଦ୍ଧାର

**କାମାକ୍ଷାନଗର, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଦ୍ୱିତୀୟ କପିଳାସ ପଥରଗଡ଼ର ନୂଆ ରୂପ ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ଜିଲ୍ଲାର ଦ୍ୱିତୀୟ କପିଳାସ ଭାବେ ପରିଚିତ ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଥରଗଡ଼ ପ୍ରସିଦ୍ଧ ଶୈବପୀଠର ପୁନରୁଦ୍ଧାର ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଏହି ଐତିହାସିକ ମନ୍ଦିରର ପୁନଃଉଦ୍ଧାର କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏମପି ମହେଶ ସାହୁଙ୍କ ଦ୍ୱାରା ଏହି ମନ୍ଦିର ପୁନଃଉଦ୍ଧାର ତଥା ନୂତନ ଆଶ୍ରମ ଗୃହର ନିର୍ମାଣ କାର୍ଯ୍ୟ ଉଦଘାଟିତ ହୋଇଛି। ଏହି ମନ୍ଦିରର ପୁନଃଉଦ୍ଧାର ପାଇଁ ଅଞ୍ଚଳବାସୀ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଗତ କିଛିମାସ ତଳେ ଭେଟି ଜଣାଇଥିଲେ। ରାଜ୍ୟ ସରକାର ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଇଛନ୍ତି, ଯାହାକୁ ନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦୁର୍ଘଟଣାରେ ବ୍ୟବସାୟୀ ମୃତ

**ଢେଙ୍କାନାଳ ସଦର, ୨୨।୨ (ସମିସ):** ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ବାଲିଅମ୍ବା ଗ୍ରାମର ଜନୈକ ବ୍ୟବସାୟୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାଲିଅମ୍ବା ଗ୍ରାମର ବଳରାମ ନାୟକ (୪୩ ) ବୁଧବାର ସନ୍ଧ୍ୟା ୮ ଟା ସମୟରେ ଗ୍ରାମ ନିକଟସ୍ଥ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବଳରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କଟକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ବଳରାମଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳାରେ ଭକ୍ତଙ୍କ ଭିଡ଼

# ଯୁବ ଶିଳ୍ପୋଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଯୁବ ଶିଳ୍ପୋଦ୍ୟୋଗୀ ସାଲିନ ସାମଲଙ୍କୁ ଓଡ଼ିଶା ମାଟିର ନିଜସ୍ୱ ବ୍ରାଣ୍ଡ ପାଇଁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭୁବନେଶ୍ୱର ସ୍ଥିତ ମେ ଫେୟାର ସଭାଗୃହ ପରିସରରେ କଳିଙ୍ଗ ଟିଭି ପକ୍ଷରୁ ପ୍ରଗତିପଥେ ଓଡ଼ିଶା କାର୍ଯ୍ୟକ୍ରମରେ ଯୁବ ଶିଳ୍ପୋଦ୍ୟୋଗୀ ସାଲିନ ସାମଲଙ୍କୁ ସମ୍ବର୍ଦ୍ଧି କରାଯାଇଛି। କାର୍ଯ୍ୟକ୍ରମରେ କଟକ ମେୟର ସୁବାସ ସିଂ, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଅଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅସିତ ତ୍ରିପାଠୀ, କଳିଙ୍ଗ ଟିଭିର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଉମାପଦ ବୋଷ, କଳିଙ୍ଗ ଟିଭିର ମୁଖ୍ୟ ସମ୍ପାଦକ




ସୌମ୍ୟଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ଶିଳ୍ପ ବିପ୍ଳବ ସମ୍ପର୍କରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ତଥା ଇଏଣ୍ଡ ଆଇଟିର ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଶିଳ୍ପ ବିକାଶର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର ନାୟକ, ଆସୋଚାମର ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି, ଗ୍ରୋଜିପ ଫାଉଣ୍ଡେସନର ସିଇଓ ଆନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ମାଟିର ବ୍ରାଣ୍ଡ ଆଲୋଚନାଚକ୍ରରେ ଡ. ଶରତ ସାହୁ, ଏମଡି ରୁଚି ଫୁଡ୍ ଲାଇନ, ଦେବେନ୍ଦ୍ର ଦେବଦାତା ଦାସ, ଚେୟାରମ୍ୟାନ, ଫାଉଣ୍ଡର ଡିଭି ଆନାଲିଟିକ୍ସ, ସେଲିନା ସାମଲ ମ୍ୟାନେଜିଂ ଡାଇରେକ୍ଟର, ପ୍ରବୀଣ ଅଗ୍ରୱାଲା, ମ୍ୟାନେଜିଂ ଡାଇରେକ୍ଟର ଏଭରଗ୍ରିନ ଟି ପ୍ରମୁଖ ଓଡ଼ିଶା ମାଟିର ନିଜ ନିଜର ନିଜସ୍ୱ ବ୍ରାଣ୍ଡ ଉପରେ ଆଲୋଚନା କରିବା ସହ ଓଡ଼ିଶା ମାଟିର ବ୍ରାଣ୍ଡକୁ ଦେଶ ବିଦେଶରେ ପରିଚିତ କରି ତା'ର ସଫଳତାର ଅନୁଭୂତି ପ୍ରଦାନ କରିଥିଲେ।

# ଜିଲ୍ଲା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମିଳିତ ବୈଠକ

**ଢେଙ୍କାନାଳ, ୨୨।୨ (ସମିସ)**

ଢେଙ୍କାନାଳ ସହର ଉପକଣ୍ଠ ବୋରାପଦାଠାରେ ଜିଲ୍ଲା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ମିଳିତ ବୈଠକ ପୂର୍ବତନ ଜିଲ୍ଲା ଛାତ୍ର ଓ ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟ ପାଲ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ଏକତ୍ର ହୋଇଥିଲେ। ବୈଠକରେ କଂଗ୍ରେସ ଉତ୍ଥାନ ପାଇଁ ମାନସମନ୍ଥନ ହୋଇଥିଲା। ସଭାରେ କୁମାର ସାହେବ୍ ରାଜୀବ ଲୋଚନ ସିଂହଦେଓ ଓ ରାଜବଧୂ ସମାଜସେବିକା ସୁସ୍ମିତା ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲା ଓକିଲ ସଂଘ ପୂର୍ବତନ ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ଯୁବ ଓ ଛାତ୍ର କଂଗ୍ରେସ ସଭାପତି ସୀତାଂଶୁ ପଣ୍ଡା, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଅମର ସେନାପତି, କଂଗ୍ରେସ ଉପସଭାପତି ସୌମ୍ୟରଞ୍ଜନ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ହିତେଶ ହୋତା, ଯୁବନେତା ସଚିଦାନନ୍ଦ ନନ୍ଦ, ପ୍ରିୟବ୍ରତ ସାସମଲ, ବିଶ୍ୱଭୂଷଣ ନାୟକ, ପ୍ରଦ୍ୟୁମ୍ନ ସାହୁ, ଆଶୁତୋଷ ବେହେରା, ଶାରଦା ବେହେରା, ଟିଲୁ ମହାପାତ୍ର, କୈବଲ୍ୟ ରାଉତ, ଅଜୟ ବେହେରା, ବିଶ୍ୱଜିତ୍ ବିଶ୍ୱାଳ, ଦେବୀପ୍ରସାଦ ସାହୁ, ସିଦ୍ଧାନ୍ତ ମିଶ୍ର, ମିତେସ୍ ମୁଦୁଲି, ଅବିନାଶ ଦାସ, ସୌମ୍ୟରଞ୍ଜନ ମହାନ୍ତି, ପ୍ରକାଶ ନାୟକ, ସୟଦ ସର୍ଫରାଜ ଅଲ୍ଲି, ମହମ୍ମଦ ଆରିଫ୍, ମହମ୍ମଦ ସମୀର, ସଙ୍କେତ୍ କୁମାର ରାଉ, ସତ୍ୟଜିତ୍ ଖଟୁଆ, ଅଶ୍ୱିନୀ କର, ନୀଳମାଧବ ସାହୁ, ଜୁଲୁ ସାହୁ, କୁମାର ଅଭିଜିତ୍ ପ୍ରମୁଖ ଯୋଗଦେଇଥିଲେ।







# ଦୁଇ ମଦମାଫିଆ ଗିରଫ

## କାର୍, ଦେଶୀ ମଦ, ମୋବାଇଲ ଓ ଟଙ୍କା ଜବତ

**କାମାକ୍ଷାନଗର, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅବକାରୀ ବିଭାଗ ତରଫରୁ ମଦ ମାଫିଆଙ୍କୁ ଗିରଫ କରାଯିବା ସହିତ ଦେଶୀମଦ ଏବଂ କାର ଜବତ କରାଯାଇଛି। କୌଣସି ସୂତ୍ରରୁ ଖବରପାଇ କାମାକ୍ଷାନଗର ଥାନା ଅନ୍ତର୍ଗତ ରେକୁଲା ଗାଁ ରେଲୱେ ଓଭର ବ୍ରିଜ୍ ନିକଟରେ ଚଢ଼ଉ କରି ଦୁଇ ମଦ ମାଫିଆଙ୍କୁ ଗିରଫ କରାଯାଇଛି। ଢେଙ୍କାନାଳ ଷ୍ଟେସନ ବଜାର ଅଞ୍ଚଳର ଆକାଶ ମହାପାତ୍ର ଏବଂ ପରଜଙ୍ଗ ଥାନା ଆମ୍ବପଳାଶ ଗାଁର ବିନୟ କୁମାର ସାହୁ ଏକ କାରରେ ମଦ ନେଇ ଯାଉଥିବା ବେଳେ ଚଢ଼ଉ କରାଯାଇଥିଲା। ଅଭିଯୁକ୍ତମାନେ ଏକ ୱାଗନର କାରରେ ୫ଶହ ଲିଟର ଦେଶୀ ମଦ ଆମ୍ବପଳାଶ ଗାଁରୁ ଢେଙ୍କାନାଳ ନେଉଥିବା ବେଳେ ଅବକାରୀ ପୁଲିସ କାରର ପିଛା କରିଥିଲା।



ପ୍ରାୟ ଦୁଇ କିଲୋମିଟର ବାଟ ଫିଲ୍ମ ଷ୍ଟାଇଲରେ ଗୋଡ଼େଇ ଗୋଡେଇ ଶେଷରେ ଅବକାରୀ ଟିମ୍ ମଦ ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ ଫୋନ, ନଗଦ ୯ ହଜାର ୨୬୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।



# ସୁରପ୍ରତାପପୁରରେ ମନ୍ତ୍ରୀ ବାଣ୍ଟିଲେ ଭତ୍ତା



**ଭୁବନ, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲା ସୁରପ୍ରତାପପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମନ୍ତ୍ରୀ ବିଭିନ୍ନ ପ୍ରକାରର ଭତ୍ତା ବଣ୍ଟନ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧୀକାରୀଙ୍କୁ ୧୦୦୦ ଟଙ୍କା ଲେଖାଏ ବଣ୍ଟନ କରିଛନ୍ତି। ସୁରପ୍ରତାପପୁର ପଞ୍ଚାୟତ ପରିସରରେ ୯୨ ଜଣ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ରେସନ କାର୍ଡଧାରୀଙ୍କୁ ୧୦୦୦ଟଙ୍କା ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ସମିତି ସଭ୍ୟା ପୁଷ୍ପାଞ୍ଜଳି ରାଉତ, ବ୍ଲକ ବିଜେଡି ସଭାନେତ୍ରୀ ପୁଷ୍ପଲତା ରାଉତ, ବିଜୁ ଜନତା ଦଳ ପଞ୍ଚାୟତ ସଭାପତି ପ୍ରମୋଦ ସାହୁଙ୍କ ସମେତ ବ୍ଲକ ଯୋଗାଣ ଅଧିକାରୀ ବାଘ ବେଶ୍ରା ଓ ପିଇଓ ବାର୍ସା ମାରାଣ୍ଡି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି କୁନିଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ କଲ୍ୟାଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ବିଡିଓ କଲ୍ୟାଣ ସୌରଭ ଦାସ ଯୋଗ ଦେଇଥିଲେ। ଧଳପଡ଼ାରେ ସରପଞ୍ଚ ଶ୍ରୀନିବାସ ବେହେରା, ବାରୁଆଁରେ ସରପଞ୍ଚ ବୀଣାପାଣି ସାହୁ, ଓଡ଼ିଶରେ ସରପଞ୍ଚ ମୋହନ ମହନ୍ତ ଭତ୍ତା ବଣ୍ଟନ କରିଥିଲେ। ସମସ୍ତ ସ୍ଥାନରେ ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଉପସ୍ଥିତି ଥିଲେ। ଭୁବନ ବ୍ଲକରେ ନୂତନ ଭାବେ ୧୨୦୦ ହିତାଧୀକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

### ସାନ୍ଧ୍ୟ ମହାବିଦ୍ୟାଳୟ ଜମିକୁ ନେଇ ଅସନ୍ତୋଷ ତେଜିଲା

# ଫଳକ ଭାଙ୍ଗି ଖେଳପଡ଼ିଆ ନିର୍ମାଣ କଲେ ଗ୍ରାମବାସୀ

ଢେଙ୍କାନାଳ, ୨୨।୨ (ସମିସ)

ଢେଙ୍କାନାଳ ସହର ନିକଟସ୍ଥ ବନମାଳୀ ପ୍ରସାଦ ଗ୍ରାମଠାରେ ସାନ୍ଧ୍ୟ ମହାବିଦ୍ୟାଳୟର ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି କଲେଜ ସ୍ଥାପନକୁ ଗ୍ରାମବାସୀ ବିରୋଧ କରି ଅସନ୍ତୋଷ ଜାହିର କରିଛନ୍ତି। ଗୋଚର ଜମି ଏବଂ ଖେଳ ପଡ଼ିଆକୁ ନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଫଳକୁ ଭାଙ୍ଗି ସେମାନେ ଖେଳପଡ଼ିଆ କରିଥିବା ଜଣାପଡ଼ିଛି।

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ନିଜସ୍ୱ ଜମି ନଥିବା ବେଳେ ଦୀର୍ଘ ବର୍ଷଧରି ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ଜମିରେ କାର୍ଯ୍ୟ କରୁଥିଲା। ସରକାରଙ୍କୁ ଜମି ଆବେଦନ ପରେ ସରକାର ସହର ନିକଟସ୍ଥ ବନମାଳୀ ପ୍ରସାଦଠାରେ ପ୍ରାୟ ୭ ଏକର ଜମି ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଯୁକ୍ତ ତିନି ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଭୂମି ପ୍ରଦାନ କରିଛନ୍ତି। ଏହି ଜମିରେ କଲେଜ ନିର୍ମାଣ ପାଇଁ ମଧ୍ୟ





ଅର୍ଥର ବ୍ୟବସ୍ଥା କରାଯାଇଛି। ଡିଗ୍ରୀ କଲେଜ ପାଇଁ ୧ କୋଟି ଏବଂ ଯୁକ୍ତ ଦୁଇ ପାଇଁ ୫୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ଗୋଚର ଜମି, ଖେଳ ପଡ଼ିଆକୁ ନେଇ କଲେଜ ସ୍ଥାପନକୁ ଗ୍ରାମବାସୀ ତୀବ୍ର ବିରୋଧ କରୁଥିବା ବେଳେ ପ୍ରାଶାସନ ପକ୍ଷରୁ ଗତ ଗଣେଶ ପୂଜାରେ ପୁଲିସ ଏବଂ କଲେଜ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବନମାଳୀ ପ୍ରସାଦ ଠାରେ ଭୂମି ପୂଜା କରିଥିଲେ। ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅନ୍ଧାର ଭିତରେ ରଖି ଗୋଚର ଜମିରେ କଲେଜ ନିର୍ମାଣ କରାଯାଉଛି। ଫଳରେ ଗ୍ରାମବାସୀଙ୍କ ଗାଈ ଗୋରୁ ଚଳପ୍ରଚଳ କରିବାକୁ ନେଇ ସମସ୍ୟା ସୃଷ୍ଟି ହେବ। ଗ୍ରାମବାସୀଙ୍କ ପାଇଁ ଥିବା ଖେଳ ପଡ଼ିଆରୁ ପ୍ରଶାସନ ୪ଏକର ସ୍ପୋର୍ଟ୍ସ ହବ ପାଇଁ ସଂରକ୍ଷିତ ରଖିଥିବା ବେଳେ ଅନ୍ୟ ଜମିରେ ଗ୍ରାମବାସୀଙ୍କ ଖେଳ ପଡ଼ିଆ ରହିଥିଲା। ଗ୍ରାମର ଯୁବକମାନେ ଖେଳିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସମାଧାନ ପାଇଁ ବାରମ୍ବାର ପ୍ରଶାସନକୁ ନିବେଦନ କରାଯାଇଥିଲା। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଗୁରୁବାର ଦିନ ଗ୍ରାମର ଯୁବକମାନେ କଲେଜର ଫଳକକୁ ଭାଙ୍ଗି ଖୁଣ୍ଟ ଉପାଡ଼ିବା ସହିତ ସେଠାରେ ଖେଳ ପଡ଼ିଆ ନିର୍ମାଣ କରିଥିବା ଜଣାପଡ଼ିଛି। ପୁଲିସ ଏବଂ ପ୍ରଶାସନ ବାରମ୍ବାର ଗ୍ରାମବାସୀଙ୍କୁ ଅନ୍ଧକାରରେ ରଖି ଏଭଳି କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ■ ଇଟା ଭାଟିରେ ମହିଳା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

# ପୁଅର ଅଭିଯୋଗ ପରେ ହତ୍ୟା ମାମଲା ରୁଜୁ

**କଣିହାଁ, ୨୨।୨(ସମିସ):** କଣିହାଁ ଥାନା ଅନ୍ତର୍ଗତ ରଞ୍ଜନା ଗ୍ରାମସ୍ଥିତ ଇଟାଭାଟିରେ କାର୍ଯ୍ୟରତ ଜଣେ ମହିଳା ଶ୍ରମିକଙ୍କ ମରଶରୀରକୁ ଗତକାଲି ପୁଲିସ୍ ଜବତ କରିଥିଲା। ମୃତକ ମହିଳା ଜଣକ ହେଲେ ଖମାର ଥାନା ରଞ୍ଜା ପଞ୍ଚାୟତ ସତ୍ୟ ଗ୍ରାମର ଯାୟତ୍ରୀ ମୁଣ୍ଡା(୩୭)। ମୃତକଙ୍କ ନାବାଳକ ପୁଅ ସୁନୀଲ୍ ମୁଣ୍ଡା(୧୫)ଙ୍କ ଅଭିଯୋଗକୁ ଭିତ୍ତିକରି କଣିହାଁ ଥାନା ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଜି ବ୍ୟବଚ୍ଛେଦ ପରେ ପୁଲିସ୍ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ମାଆଙ୍କୁ ହତ୍ୟା କରିବା ନେଇ ସନ୍ଦେହ ପ୍ରକଟ କରି ସୁନୀଲ୍ ଇଟାଭାଟି ମାଲିକ ଓ ତିନି ସାଥୀ ମହିଳା ଶ୍ରମିକଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିବା ଜଣାଯାଇଛି। ପ୍ରକାଶଥାଉ କି, କଣିହାଁ ଥାନା ରଞ୍ଜନା ଗ୍ରାମର କେଦାରନାଥ ସତପଥୀଙ୍କ ଇଟା ଭାଟିରେ ପ୍ରାୟ ଦେଢ଼ମାସ ତଳୁ ମୃତ ଯାୟତ୍ରୀଙ୍କ ସମେତ ସତ୍ୟ ଗ୍ରାମର ଅନ୍ୟ ତିନିଜଣ ମହିଳା ଶ୍ରମିକ କାମ କରିଆସୁଥିଲେ। ସାଥୀ ଶ୍ରମିକଙ୍କ କହିବା ମୁତାବକ ଯାୟତ୍ରୀଙ୍କୁ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ତିନି ସାଥୀ ମହିଳା ଶ୍ରମିକ ସମେତ ଇଟାଭାଟି ମାଲିକ ଏକ ଅଖାବସ୍ତାରେ ଯାୟତ୍ରୀଙ୍କ ମୃତ ଶରୀରକୁ ଆଣି ତାଙ୍କ ଘରେ ଛାଡ଼ି ଦେଇଥିଲେ। ଆଜି ଇଟାଭାଟି ମାଲିକଙ୍କୁ କଣିହାଁ ପୁଲିସ୍ ପଚରାଉଚରା କରିବା ସହିତ ଏହି ଘଟଣାର ତଦନ୍ତ ଚଳାଇଛି। ଏହି ମାମଲାର ତଦନ୍ତକାରୀ ଅଫିସର ରୂପେ ଏସ୍ଆଇ ବିଷ୍ଣୁ କୁମାର ସାହୁଙ୍କୁ ନିୟୋଜିତ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ସତ୍ୟ ଜଣାପଡ଼ିବ ବୋଲି ଥାନା ସୂତ୍ରରୁ ପ୍ରକାଶ।

# ବିଦ୍ୟୁତ୍ ବାଇକ୍ ନିର୍ମାତାଙ୍କୁ ସମ୍ବର୍ଦ୍ଧନା



**ଭୁବନ, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ଏନ୍ଏସି ଅନ୍ତର୍ଗତ ୫ ନମ୍ବର୍ ୱାର୍ଡର ହବିବ ଖାଁଙ୍କ ପୁତ୍ର ସୂରଜ ଖାଁଙ୍କୁ ନିଜସ୍ୱ ଜ୍ଞାନ କୌଶଳରେ ଅତ୍ୟାଧୁନିକ ଇଲେକ୍ଟ୍ରିକ ବାଇକ୍ ନିର୍ମାଣ କରିଥିବା ଯୋଗୁ ତୃପ୍ତି ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନ ସେବା ସମବାୟ ସମିତିର ପୂର୍ବତନ ସଭାପତି ସରୋଜ କୁମାର ସାହୁ ଅତିଥି ଭାବେ ଯୋଗଦେଇ ସୂରଜ ଖାଁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିବୋ ସମବାୟ ସମିତି ସଭାପତି ମଳୟ କୁମାର ତ୍ରିପାଠୀ, ବରିଷ୍ଠ ନାଗରିକ ସଂଘ ଅଧ୍ୟକ୍ଷ ରଥ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଏହାକୁ ପରିଚାଳନା କରିଥିଲେ। ଶେଷରେ ସୂରଜ ଖାଁ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଅଭାବ ଅସୁବିଧା ହିଁ ନୂତନ ଉଦ୍ଭାବନ ପାଇଁ ବାଟ ଦେଖାଏ। ଏକ ଗରିବ ମୁସଲିମ ପରିବାରରେ ତାଙ୍କର ଜନ୍ମ। ଅର୍ଥ ଅଭାବରୁ ସେ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଥିଲେ। କିଛି ନୂଆ କରିବା ତାଙ୍କର ନିଶା। ମୋବାଇଲ୍ ଗୁଗଲରେ ସର୍ଚ୍ଚକରି ପୂର୍ବରୁ ଇଲେକ୍ଟ୍ରିକାଲ ଓ୍ୟାରିଁ ଶିଖି କୁଲର, ପାୱାର ବ୍ୟାଙ୍କ୍, କଲିଂ ବେଲ୍ ଇତ୍ୟାଦି ତିଆରି କରିଥିଲେ। ନିଜ ଆବଶ୍ୟକତା ପାଇଁ ଇଲେକ୍ଟ୍ରିକ ବାଇକ୍ ନିର୍ମାଣ କରିଛନ୍ତି। ବ୍ୟାଟେରି ଗାଡ଼ିରେ ସମୁଦାୟ ୪୫ ହଜାର ଟଙ୍କା ଖର୍ଚ୍ଚ। ଥରେ ଚାର୍ଜ କଲେ ୮ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ୪୦ ରୁ ୫୦ ସ୍ପିଡରେ ପ୍ରାୟ ୧୦୦ କିମି ଯାଇହେବ ବୋଲି ବାଇକ୍ ନିର୍ମାତା ସୂରଜ ଖାଁ ପ୍ରକାଶ କରିଥିଲେ। ଜଗବନ୍ଧୁ ଜରାଶ୍ରମ ସମ୍ପାଦକ ଆଶୁତୋଷ ମିଶ୍ର ସୂରଜଙ୍କ ଗ୍ରାଜୁଏସନ ପାଠ ପଢ଼ା ଦାୟିତ୍ୱ ନେବ ବୋଲି ସୂଚନା ଦେଇଥିବା ଜଣାଯାଇଛି।

# ୨୫ରେ '୫-ଟି' ଅଧ୍ୟକ୍ଷ ଓ ବିଜେଡି ସାଂଗଠନିକ ସମ୍ପାଦକଙ୍କ ଛେଣ୍ଡିପଦା ଗସ୍ତ

**ଛେଣ୍ଡିପଦା, ୨୨।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଛେଣ୍ଡିପଦା ବ୍ଲକକୁ ଫେବୃଆରୀ ୨୫ ତାରିଖରେ ଗସ୍ତ କରି ଏକ ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଛେଣ୍ଡିପଦା ବ୍ଲକ ସଭାପତି ଶରତ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ୫-ଟି ଅଧ୍ୟକ୍ଷ ତଥା ଆମ ଓଡିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡିର ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଛେଣ୍ଡିପଦା ବ୍ଲକ ଗସ୍ତରେ ଆସୁଥିବା ବେଳେ ବରସାହି ଗ୍ରାମ ପଞ୍ଚାୟତ ଖେଳ ପଡ଼ିଆ ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେବେ। ଏନେଇ ବିଧାୟକ ଓ ପୁଲିସ ପ୍ରଶାସନ ପକ୍ଷରୁ ଉକ୍ତ ପଡ଼ିଆକୁ ଯାଇ ସମୀକ୍ଷା କରାଯାଇଛି।



ଦିନ ୧୨ଟା ବେଳେ ହେଲିକପ୍ଟର ଯୋଗେ ଆସି ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ସମୀକ୍ଷାରେ ଜିଲ୍ଲା ପରିଷଦ ନଗେନ ପ୍ରଧାନ, ସରପଞ୍ଚ ଜନ୍ମେଜୟ ମାଝୀ, ଅମରେଶ ନାଥ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ବିଜୟ କୁମାର ଗଡ଼ନାୟକ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀ, ଲୋସନ କୁମାର ସାହୁ, ମାନସ ରଞ୍ଜନ ସାହୁ, ବୁଦ୍ଧଦେବ ବେହେରା, ସୌରଭ ରଞ୍ଜନ ବେହେରା, ଜୟନ୍ତ କୁମାର ସାହୁ, ବାସୁଦେବ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



# ନୂତନ ମା' କାଳୀ ମଣ୍ଡପର ଶୁଭ ଉଦ୍‌ଘାଟନ

**ଅନୁଗୋଳ, ୨୨।୨(ସମିସ):** ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଁଅରପାଳ ବ୍ଲକର ବେଣାଗାଡ଼ିଆ ଗ୍ରାମ ପଞ୍ଚାୟତର ବେଢ଼ାଶର ଗ୍ରାମର ନାଏକ ସାହିଠାରେ ନୂତନ ମା' କାଳୀ ମଣ୍ଡପର ଶୁଭ ଉଦଘାଟନ ବିଧାୟକ ଛେଣ୍ଡିପଦା ସୁଶାନ୍ତ ବେହେରାଙ୍କ କରକମଳରେ ହୋଇଯାଇଛି। ସମ୍ମାନିତ ଅତିଥି ୨୫ ନଂ ଜୋନ୍ ଜିଲ୍ଲା ପରିଷଦ ଦିଲ୍ଲୀପ ପ୍ରଧାନ, ୧୬ ନଂ ଜୋନ୍ ଜିଲ୍ଲା ପରିଷଦ ପ୍ରଦୀପ ସାହୁ, ବିଜୁ ଯୁବ ଜନତା ଦଳ ଜିଲ୍ଲା ସମ୍ପାଦକ ସୌରଭ ବେହେରା, ବିଜୁ ଜନତା ଦଳ ଜିଲ୍ଲା ସମ୍ପାଦକ ବିଭୁତି ସ୍ୱାଇଁ, ପବିତ୍ର ସାହୁ, ବଳରାମ ସ୍ୱାଇଁ, ଲୋକନାଥ ସ୍ୱାଇଁ, ଯାଦବ ସାହୁ, କୁମର ବେହେରା, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୋହୂର ପନିକି ଚୋଟରେ ଶାଶୂ ଗୁରୁତର

**ଭୁବନ, ୨୨।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଭୂଷଳ ପଞ୍ଚାୟତ ଅନ୍ତର୍ଗତ ଭୂଷଳ ଗ୍ରାମର ବୋହୂର ପନିକି ଚୋଟରେ ଶାଶୂ ଗୁରୁତର ହୋଇ ଚିକିତ୍ସିତ ହେବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଭୁଷଳ ଗ୍ରାମର ସ୍ୱର୍ଗତ ଗୁରୁବାରି ସାହୁଙ୍କ ପୁଅ ଗୁମନି ସାହୁ (୮୫)ଙ୍କ ପୁଅ ଘରେ ନଥିବା ବେଳେ ତାଙ୍କ ବୋହୂ ଲୀଳାବତୀ ଶାଶୂ ଶଶୁରଙ୍କୁ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଶାଶୂ ଲୀଳାବତୀ ପ୍ରତିବାଦ କରିବାରୁ ବୋହୂ ଏକ ପନିକିରେ ଶାଶୂକୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଶାଶୂ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଭୁବନ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଭୁବନ ଥାନାରେ ମାମଲା ରୁଜୁ ହୋଇଛି। ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

# ପୂର୍ବତନ ସୈନିକଙ୍କ ଦେହାନ୍ତ

**ଢେଙ୍କାନାଳ, ୨୨।୨ (ସମିସ):** ସଦର ବ୍ଲକ ଅନ୍ତର୍ଗତ ତାଳବରକୋଟ ଗ୍ରାମର ପୂର୍ବତନ ସୈନିକ ଏ.ଏଲ୍. ଡି. ରାମଚନ୍ଦ୍ର ମହାନ୍ତିଙ୍କ (ଆର୍ମ ରେଜିମେଣ୍ଟ) ଦେହାନ୍ତ ହୋଇଯାଇଛି। ସେ ୧୯୮୩ ରେ ସୈନିକରେ ଯୋଗଦେଇ ୨୦୦୦ ମସିହାରେ ଚାକିରିରୁ ଅବସର ନେଇଥିଲେ। ଦୀର୍ଘ ଦିନର ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହେଉଥିଲେ। ଚିକିତ୍ସାରେ ରହି ହସ୍ପିଟାଲରେ ସେ ପରଲୋକ ଗମନ କରିଥିଲେ। ତାଙ୍କ ପାର୍ଥିବ ଶରୀର ଗାଁକୁ ଆଣିବା ପରେ ତାଳବରକୋଟ ଅଞ୍ଚଳର ପୂର୍ବତନ ସୈନିକ ଭାଇମାନେ ତାଙ୍କ ଅନ୍ତେଷ୍ଟି କ୍ରିୟାରେ ଯୋଗଦାନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ଜାତୀୟ ପତାକାରେ ସମ୍ମାନିତ କରି ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# କଳା ପରିଷଦ ପକ୍ଷରୁ ଶୋକସଭା

**ଢେଙ୍କାନାଳ, ୨୨।୨ (ସମିସ):** ଢେଙ୍କାନାଳର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ କଳା ପରିଷଦ ପକ୍ଷରୁ ବିଶିଷ୍ଟ ଯୁବନେତା ପୂର୍ବତନ ପୌରାଧ୍ୟକ୍ଷ ତଥା ହାସ୍ୟ ଅଭିନେତା ଇନ୍ଦ୍ରମଣି ବେହେରାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଳା ପରିଷଦ ନାଟ୍ୟ ଅନୁଷ୍ଠାନରେ ଇନ୍ଦ୍ର ଭାଇଙ୍କ ନାଟ୍ୟ ଦକ୍ଷତା ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ବଲେରୀ, ହାଇଦ୍ରାବାଦ ଓ ପୁନେ ଭଳି ସ୍ଥାନରେ କଳା ପରିଷଦ ମଞ୍ଚସ୍ଥ ନାଟକରେ ଇନ୍ଦ୍ରମଣି ବେହେରା ଜାତୀୟସ୍ତରର ଶ୍ରେଷ୍ଠ ହାସ୍ୟ ଅଭିନେତା ପୁରସ୍କାର ପାଇ ଢେଙ୍କାନାଳ ଜିଲ୍ଲାକୁ ଗୌରାବାନ୍ୱିତ କରିଥିଲେ। ତାଙ୍କର ଅକାଳ ବିୟୋଗରେ କଳା ପରିଷଦର ଅପୂରଣୀୟ କ୍ଷତି ଘଟିଲା ବୋଲି ସଭାପତି ଦିଲିଶ୍ୱର ମହାରଣା କହିଛନ୍ତି। ଇନ୍ଦ୍ରଭାଇଙ୍କ ସ୍ମୃତିଚାରଣ କରି ସଦସ୍ୟମାନେ ନିଜ ନିଜ ଅନୁଭୂତି ପରିପ୍ରକାଶ କରିଛନ୍ତି। ଏହି ସ୍ମୃତି ସଭାରେ କ୍ଲବର ବରିଷ୍ଠ ସଦସ୍ୟ ସମ୍ପାଦକ ଜୟନ୍ତ ବର୍ମା, ଶତ୍ରୁଘ୍ନ ମାଟି, ଶଶିକାନ୍ତ ପାଣି, ଅଶୋକ ସାହୁ, ସୁରେଶ ମିଶ୍ର, ପ୍ରବୀର ମହାନ୍ତି, ବିନୋଦ ମହାନ୍ତି, ମନ୍ମଥ ପଟ୍ଟନାୟକ, ପିଣ୍ଟୁ ମହାନ୍ତି, କିଶୋରରାଉତ, ଅମ୍ବିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଝରାବେରଣୀ ମଠରେ ଅଷ୍ଟପ୍ରହର ନାମଯଜ୍ଞ

**କିଶୋରନଗର, ୨୨।୨(ସମିସ):** କିଶୋରନଗର ବ୍ଲକ ଝରାବେରଣୀର କଟଙ୍ଗପାଳ ମଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତକାଲି ଅପରାହ୍ନରେ କରଡ଼ିଙ୍ଗବାହାଳ ଯୋରରୁ କଳସରେ ପାଣି ଅଣାଯାଇ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଆଜି ସକାଳୁ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା।

# ମହାବୀର ମନ୍ଦିରର ରତ୍ନମୁଦ ଉତ୍ସବ

**ଢେଙ୍କାନାଳ, ୨୨।୨(ସମିସ):** ଓଡ଼ାପଡ଼ା ବ୍ଲକର ଇନ୍ଦିପୁର ଗ୍ରାମ ନଟାପୋଖରୀ ନିକଟରେ ଜଙ୍ଗଲି ମହାବୀର ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ସମାପିତ ହୋଇଛି। ହୋମଯଜ୍ଞ ଭଜନ କୀର୍ତ୍ତନରେ ପରିବେଶ ବେଶ୍ ମନମୁଗ୍ଧକର ହୋଇଛି। ଗ୍ରାମ ଏବଂ ଅଞ୍ଚଳବାସୀ ରତ୍ନମୁଦରେ ଧାନ, ସୁନା, ରୁପା, ଗୁଆ, କଉଡ଼ି ଏବଂ ବିଭିନ୍ନ ଧାତୁ



ପକାଇ ଭକ୍ତମାନେ ନିଜକୁ ଧନ୍ୟ ମଣିଥିଲେ। ପ୍ରସାଦ ସେବନରେ ସମସ୍ତ ଆବାଳବୃଦ୍ଧା ବନୀତା ସାମିଲ ହୋଇଥିଲେ ଏବଂ ଭାଇଚାରାରେ ସ୍ନେହର ଆଦାନ ପ୍ରଦାନ ଦେଖିବାକୁ ମିଳିଥିଲା।

# ଅଙ୍ଗନବାଡ଼ି କର୍ମୀଙ୍କ ମନମୁଖି କାର୍ଯ୍ୟ

ଭୁବନ, ୨୨।୨ (ସମିସ)

ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ମୃଦଙ୍ଗା ଗ୍ରାମରେ ଛାତ୍ରୀଙ୍କୁ ଅଙ୍ଗନବାଡ଼ି ସହାୟତା ମିଳୁ ନଥିବା ନେଇ ସିଡିପିଓଙ୍କ ନିକଟରେ ଅଭିଯୋଗ ହୋଇଛି। ମାତୃଗର୍ଭରୁ ସାବାଳିକା ହେବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଯୋଜନାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତାରେ ପ୍ରଦାନ କରାଯାଉଛି। କିନ୍ତୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କର୍ମଚାରୀଙ୍କ ଅବହେଳା

### ● ଛାତ୍ରୀଙ୍କୁ ମିଳୁନି ସହାୟତା

ଯୋଗୁ ଅନେକ ଗର୍ଭବତୀ ମହିଳା, ପ୍ରସୂତି ମହିଳା, ଶିଶୁ, ପ୍ରାକ୍ ବିଦ୍ୟାଳୟ ଛାତ୍ରଛାତ୍ରୀ, କିଶୋରୀ ବାଳିକା ସେମାନଙ୍କ ହକରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣାକୁ ନେଇ ଜଣେ କିଶୋରୀ ବାଳିକା ଭୁବନ ସିଡିପିଓଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଭୁବନ ବ୍ଲକ ମୃଦଙ୍ଗା ପଞ୍ଚାୟତ ମୃଦଙ୍ଗା ଗ୍ରାମର ସ୍କୁଲ୍ ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ନମ୍ବର ୧ ଅନ୍ତର୍ଗତ ଜଣେ କିଶୋରୀ ବାଳିକା କିଭଳି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଅଣଦେଖାର ଶିକାର ହୋଇଛନ୍ତି। ଗ୍ରାମର ପୀତବାସ ବେହେରାଙ୍କ ବଡ଼ ଝିଅ ବିଷ୍ଣୁପ୍ରିୟା ବେହେରା (୧୮) ଯୁକ୍ତ ୨ କଳାରେ ପାସ୍ କରିଥିବା ବେଳେ ଏହି କେନ୍ଦ୍ରର ସହାୟିକା ନିମନ୍ତେ ଆବେଦନକାରିଣୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ତାଙ୍କ ନାମ ସର୍ଭେ ତାଲିକାରେ ଅଛି କି ନାହିଁ ସେ ନେଇ ବାରମ୍ବାର ଅଙ୍ଗନବାଡ଼ି କର୍ମୀ କୁମୁଦିନୀ ସେଠୀଙ୍କୁ ୨/୩ ଥର ସାକ୍ଷାତ କରି ଜଣାଇବା ପରେ ମଧ୍ୟ କର୍ମୀ ଜଣକ କର୍ଣ୍ଣପାତ କରୁନାହାନ୍ତି। ଆଉ ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି ଯେ, ବିଷ୍ଣୁପ୍ରିୟାଙ୍କ ସାନ ଭଉଣୀଙ୍କୁ କିଶୋରୀ ବାଳିକା ସହାୟତା ମିଳୁଥିବା ବେଳେ



ତାଙ୍କୁ କାହିଁକି ମିଳିବ ନାହିଁ। ତେବେ ବିଷ୍ଣୁପ୍ରିୟା ବହୁବାର ଅଙ୍ଗନବାଡ଼ି ସୁପରଭାଇଜର ସସ୍ମିତା ରାଉତଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଘଟଣାକୁ ନେଇ ଭୁବନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏନେଇ ଭୁବନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭଗବତୀ ଗୁରୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ୧୮ ବର୍ଷରୁ ଊର୍ଦ୍ଧ୍ୱ ୪୨ବର୍ଷରୁ କମ ଯୁକ୍ତ ୨ ଶିକ୍ଷାଗତ ଯୋଗ୍ୟତାଧାରୀ ସହାୟିକା ନିମନ୍ତେ ଦରଖାସ୍ତ କରିପାରିବେ। କିଶୋରୀ ବାଳିକା ଯୋଜନାରେ ସହାୟତା ପାଇବା ନିମନ୍ତେ ବିଷ୍ଣୁପ୍ରିୟା ଯେ କାହିଁକି ଯୋଗ୍ୟ ହେଉନାହାନ୍ତି, ସେ ସମ୍ପର୍କରେ ତଦନ୍ତ କରିବି ବୋଲି କହିଛନ୍ତି।

# ନୂତନ ଆଶ୍ରମ ଗୃହ ଓ ମନ୍ଦିର ପୁନଃଉଦ୍ଧାର କାର୍ଯ୍ୟ ଉଦ୍‌ଘାଟିତ



**କଣିହାଁ, ୨୨।୨(ସମିସ):** ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ଧାରୀଖୋଲ ଗ୍ରାମର ଅବସ୍ଥିତ ଦ୍ୱିତୀୟ କପିଳାସ ପଥରଗଡ଼ ଜଗତର କଲ୍ୟାଣ ନିମନ୍ତେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ଢେଙ୍କାନାଳ ମହେଶ ସାହୁ, ବିଧାୟକ ପରଜଙ୍ଗ ନୃସିଂହ ଚରଣ ସାହୁ, ବିଧାୟକ ତାଳଚେର ବ୍ରଜକିଶୋର ପ୍ରଧାନ ଯୋଗଦେଇ ନୂତନ ଆଶ୍ରମ ଗୃହ ଓ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଶୁଭ ଉଦଘାଟନ କରିଥିଲେ। ଏଥିରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ୧୮ ନଂ. ଜୋନ ଜିଲ୍ଲା ପରିଷଦ ରୁନୁ ବର୍ମା, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ ଓ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ପ୍ରମୁଖ ଶତାଧିକ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ

# ‘ମାତୃଭାଷା ଆମର ଜୀବନଜୀବିକାର ଭାଷା ହେବା ଆବଶ୍ୟକ’

**କେନ୍ଦ୍ରାପଡା,୨୨।୨(ସମିସ):** ଅନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଅବସରରେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ୍‌ରେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସଭାପତି ଡ. ବାସୁଦେବ ଦାସଙ୍କ ପୌରହିତ୍ୟରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା ବିକାଶ ସମିତି ଆହ୍ୱାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା କହିଲେ ଯେ, ମାତୃଭାଷା ଆମର ଜୀବନ ଜୀବିକାର ଭାଷା ହେବା ଆବଶ୍ୟକ । ଏଥିନିମନ୍ତେ କେନ୍ଦ୍ରାପଡାରେ ଭାଷା ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ । ଏଥିନିମନ୍ତେ ଏକ ଶୋଭାଯାତ୍ରା କରି କେନ୍ଦ୍ରାପଡା ବଜାରର ସମସ୍ତ ନାମ ଫଳକ ଓଡିଆ ଭାଷାରେ ଲେଖିବାକୁ ସମସ୍ତେ ଏକାଠି ହୋଇ ପଦକ୍ଷେପ ନେବାକୁ ସେ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟରେ ସମ୍ପାଦକ ତଥା ଅଧ୍ୟାପକ ଅଜୟ ସାମଲ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶୁଭ୍ରାଂଶୁ କୁମାର ଦାସ, ମହାବୀର ମହାବିଦ୍ୟାଳୟର ମଦନପୁରର ପ୍ରାକ୍ତନ ଅଧ୍ୟକ୍ଷ ସଙ୍ଗୀତ ନିର୍ଦ୍ଦେଶକ ମୋହନ ଚରଣ ଜେନା, ସମାଜସେବୀ ଭାଗିରଥୀ ଜେନା, କବି କରୁଣାକର ଦାସ, ଆଇନଜୀବୀ ପ୍ରଦୀପ କୁମାର ଦାସ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଡ. ଅଜିତ୍ କୁମାର ଦାସ, ଅଧ୍ୟାପିକା ମନିଷାକାନ୍ତି ଜେନା, ପ୍ରମୋଦ କୁମାର ବେହେରା, ଅଧିକାରୀ ନିଲେଶ କୁମାର ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଆଶୁତୋଷ ରାଉତ, ପ୍ରଭାସିନୀ ଜେନା ଏବଂ ଶରତ ରାଉତ,ଗୟାଧର ଧଳ,ଏଲିନା ସାମନ୍ତରାୟ ପ୍ରମୁଖ ଶତାଧିକ ଭାଷା ପ୍ରେମୀମାନେ ଯୋଗଦାନ କରି ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କୌଣସି ଦେଶ ମାତୃଭାଷାକୁ ଗୁରୁତ୍ୱ ନ ଦେଇ ଆଗକୁ ଯାଇପାରିବ ନାହିଁ । ରୁଷ୍, ଚୀନ, ଫ୍ରାନ୍ସ, ଇଂଲଣ୍ଡ, ବାଂଲାଦେଶ ପ୍ରଭୃତି ଏହାର ଜ୍ୱଳନ୍ତ ନିଦର୍ଶନ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ତୁଳସୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ପ୍ରିୟଦର୍ଶିନୀ ପରିଡା ଓ ସଫିକା ୟସ୍‌ମିନ୍ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ।



# ପୁରୁଣା ବସନ୍ତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

**ରଘୁନାଥପୁର,୨୨।୨(ସମିସ):** ରଘୁନାଥପୁର ବ୍ଲକ୍‌ରେ ଆଜି ଶେଷ ପର୍ଯ୍ୟାୟରେ ପୁରୁଣାବସନ୍ତ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ସଭାରେ ମୁଖ୍ୟଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ଓଡ଼ିଶାର ଜନମାନସର ନେତା ମାନ୍ୟବର ନବୀନ ପଟ୍ଟନାୟକ ଓଡ଼ିଶାର ପ୍ରତ୍ୟେକ ପରିବାରରେ ବିଭିନ୍ନ ଯୋଜନା ମାଧ୍ୟମରେ ବିକାଶର ଧାରା ପହଁଞ୍ଚାଇ ପାରିଛନ୍ତି । ସ୍ୱାସ୍ଥ୍ୟ, କୃଷି, ଗମନାଗମନଠାରୁ ଆରମ୍ଭ କରି ୭୦ଲକ୍ଷ ମହିଳାଙ୍କୁ ସାବଲମ୍ବୀ କରି ତାଙ୍କ ମୁହଁରେ ହସ ଫୁଟାଇ ପାରିଛନ୍ତି । ଓଡ଼ିଶାର ଜନପ୍ରିୟ ନେତା ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଉପସ୍ଥିତ ଥିବା ଜନସାଧାରଣମାନଙ୍କୁ ଆହ୍ୱାନ ଦେଇଥିଲେ । ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି । ଲକ୍ଷ୍ମୀ ବସ ଦ୍ୱାରା ୫ଟଙ୍କାରେ ବ୍ଲକ୍ କାର୍ଯ୍ୟାଳୟରେ ପ୍ରତ୍ୟେକ ଲୋକ ଗମନାଗମନର ସୁବିଧା ପାଇପାରିବେ ବୋଲି କହିଥିଲେ । ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଜତ କୁମାର ପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶର ଧାରା ଜନସାଧାରଣଙ୍କ ଆଗରେ ପ୍ରକାଶ କରିଥିଲେ ।



ଏହି ସଭାରେ ରଘୁନାଥପୁର ବିଡିଓ ମମତା ବାରିକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଏବିଡିଓ ଜ୍ଞାନେନ୍ଦ୍ର ନାଏକ, ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସହକାରୀ ଯନ୍ତ୍ରୀ ସୁଚିସ୍ମିତା ବେହେରା, ତାରପୁର ସମିତି ସଭ୍ୟ ସୁଷମା ମଲ୍ଲିକ, ସୁଶିଲ ବାରିକ, ବଟକୃଷ୍ଣ ନାୟକ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖି ଯୋଜନାର ସଚେତନ ବାର୍ତ୍ତା ପଞ୍ଚାୟତର ଜନସାଧାରଣଙ୍କୁ ସୂଚନା ଦେଇଥିଲେ ।

# ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ



ଜଗତସିଂହପୁର,୨୨।୨(ସମିସ): ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ କରିବାରେ ସହାୟକ ହେବା ନିମନ୍ତେ ନବୀନ ଓଡିଶା ସର୍ବଦା ସଂକଳ୍ପ ବଦ୍ଧ । ଏହି ଅବସରରେ ଜଗତସିଂହପୁର ମୁନିସିପାଲିଟି ଅନ୍ତର୍ଗତ ଠାକୁରପାଟଣାର ଜିତାରାଣୀ ବାରିକଙ୍କ ରିଟେଲ ସପରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପରିବାରକୁ ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ବଣ୍ଟନ କରାଯାଇଛି । ହିତାଧିକାରୀ ମାନଙ୍କୁ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଓ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଏହି ରାଶି ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର, ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ମଧୁସ୍ମିତା ମହାପାତ୍ର, ସୁଜାତା କମଳିନୀ ମାଳି ଏବଂ ଯୋଗାଣ ନିରୀକ୍ଷକ ଅମୀୟ ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସାତକଡ଼ି ହୋତାଙ୍କୁ ଶ୍ରଦ୍ଧାଞ୍ଜଳି

**ତିର୍ତ୍ତୋଲ,୨୨।୨(ସମିସ):** ତିର୍ତ୍ତୋଲ ନିକଟ ତେନ୍ତୁଳିପଦା ସାରଳାରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ଏକଦଶାହ ଅବସରରେ ଝଙ୍କଡ ସାହିତ୍ୟ ସଂସଦ ଓ ତେନ୍ତୁଳିପଦା ପୂଜ୍ୟ ପୂଜା ସଂସଦ ତରଫରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତସିଂହପୁରର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରବିପ୍ରସନ୍ନ ସାହୁ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ.ବିଷ୍ଣୁପ୍ରିୟା ଦାସ, ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ, ସଙ୍ଗଠନ ସମ୍ପାଦକ ପଣ୍ଡିତ ବାସବ ନନ୍ଦ, ସମାଜସେବୀ ବିରଜା ପ୍ରସନ୍ନ ପରିଜା, ସାହିତ୍ୟିକ ଅମରଜ୍ୟୋତି ସାହୁ, କବି ଦିଗମ୍ବର ରାଉତ, ଶିକ୍ଷାବିତ ଝୁଲରାମ ଦାସ, ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ଭାଗିରଥି ମହାନ୍ତି, ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇ ସାହିତ୍ୟକ ଶ୍ରୀ ହୋତାଙ୍କ ରଚନା ବଳୀ ଓ ଓଡିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହିତ ଓଡିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଶୁଦ୍ରମୁନି ସାରଳାଦାସଙ୍କ ପ୍ରତିମୂର୍ତ୍ତିଙ୍କୁ କଟକ-ପାରାଦ୍ୱୀପ ରାସ୍ତାର ସାରଳାରୋଡଠାରେ ଗତ ବର୍ଷ ସେ ଉନ୍ମୋଚନ କରିଥିଲେ । ସାରଳାଦାସ ସ୍ମୃତି ସଂସଦର ସଭାପତି ଭାବେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ସାରା ଓଡିଶାରେ ସ୍ଥାପନ ଓ ସାରଳା ମହାଭାରତକୁ ଜନମାନସରେ ଆଦୃତ ପାଇଁ ସେ ସର୍ବଦା ପ୍ରଚେଷ୍ଟା ଜାରି ରଖିOଥିଲେ । ତାଙ୍କ ମୃତ୍ୟୁ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଳି ଅର୍ପଣ କରିଥିଲେ ।

# ବଣିକ ସଂଘ ପକ୍ଷରୁ ଶୋକସଭା



**ପାରାଦୀପ,୨୨ ।୨(ସମିସ):** ପାରାଦୀପ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଭାଗିରଥି ସାହୁଙ୍କ ବିୟୋଗରେ ପାରାଦୀପ ପୋର୍ଟ ବଣିକ ସଙ୍ଘ ପକ୍ଷରୁ ଆଜି ଏକ ଶୋକ ସଭାର ଆୟୋଜନ କରାଯାଇଥିଲା ।ବଣିକ ସଙ୍ଘ କାର୍ଯ୍ୟାଳୟ ପରିସରରେ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକ ସଭାରେ ସମ୍ପାଦକ ଦେବବ୍ରତ ସାହୁ, କ୍ଷୀରୋଦ ସ୍ୱାଇଁ, ପ୍ରମୋଦ କୁମାର ମହାପାତ୍ର, ଅନାଦି ସାହୁ, ଚୈତନ୍ୟ ସାହୁ, ରାଜେନ୍ଦ୍ର ବଳ, ତ୍ରିଲୋଚନ ଦାସ, ଶରତ ଚନ୍ଦ୍ର ସାହୁଙ୍କ ସମେତ ବହୁ ବ୍ୟବସାୟୀ ଯୋଗ ଦେଇଥିଲେ ।ସ୍ୱର୍ଗତ ସାହୁଙ୍କ ଫଟୋ ଚିତ୍ରରେ ପ୍ରଥମେ ଉପସ୍ଥିତ ସମସ୍ତ ବ୍ୟବସାୟୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ଭାଗିରଥି ସାହୁ ୮୦ ଦଶକରୁ ପାରାଦୀପକୁ ଆସି ଜଣେ ସଫଳ ବ୍ୟବସାୟୀ ଭାବେ ନିଜକୁ ପ୍ରତିପାଦନ କରିପାରିଥିଲେ ।ଏହା ସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଧର୍ମାନୁଷ୍ଠାନ ମାନଙ୍କ ସହିତ ବ୍ୟକ୍ତିଗତ ଭାବେ ଜଡିତ ରହିବା ସହିତ ବଣିକ ସଂଘର ସାଧାରଣ ସମ୍ପାଦକ ଥିବା ସମୟରେ ବ୍ୟବସାୟୀ ମାନଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ କରି ସେମାନଙ୍କର ବ୍ୟବସାୟିକ ଉନ୍ନତି ପାଇଁ ନେଇଥିବା ପଦକ୍ଷେପକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ ।

# ପରକୁଳା ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ



ମାର୍ଶାଘାଇ,୨୨ ।୨(ସମିସ):ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ କାର୍ଯ୍ୟାଳୟରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଆରସିଏମସି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ପଞ୍ଚାୟତ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଦାସ, ସମିତି ସଭ୍ୟ ସଞ୍ଜୟ ପାତ୍ର, ସରୋଜକାନ୍ତ ବାରିକ, ମନୋଜ ପରିଡା, ଉପେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା,ନବୀନ ଓଡ଼ିଶା ଯୋଜନା ରେ ବିକାଶ ଯୋଜନା ସମ୍ଭବ ହୋଇପାରିଛି । ଏଥିରେ ପିଇଓ, ଜିଆରଏସ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସଚେତନତା କାର୍ଯ୍ୟକ୍ରମ

# ପିଠା, ରଜପାନ, ମନ୍ଦିର ଓ ପୂର୍ବପୁରୁଷ ବ୍ୟବହାର କରୁଥିବା ସାମଗ୍ରୀ ପ୍ରଦର୍ଶିତ

**ପାରାଦୀପ,୨୨।୨(ସମିସ):** ଆମ ଓଡ଼ିଆଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ ରଖିବା ଓ ଆମର ଉତ୍ତର ଦାୟାଦ କିପରି ଏହାକୁ ମନେ ପକାଇବେ, ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଭିନ୍ନ ପ୍ରୟାସ । ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ‘ଆମ ସଂସ୍କୃତି ଆମ ପରମ୍ପରା’ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଚାଲିଛି ପ୍ରୟାସ । ପାରାଦୀପରେ ରହିଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ସଞ୍ଜୟ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଛି । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ପାରାଦୀପରେ ରହିଥିବା ୧୩ଟି ବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଓଡ଼ିଆ ସଂସ୍କୃତି, ପୂଜା, ପର୍ବପର୍ବାଣୀରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ, ବିଭିନ୍ନ ପିଠା, ମିଠା, ରଜପାନ, ବିଭିନ୍ନ ମନ୍ଦିର, ଆମ ପୂର୍ବ ପୁରୁଷ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ତିଆରି କରି କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରିଥିଲେ । ଯଦ୍ୱାରା ବିଦ୍ୟାଳୟସ୍ତରରୁ ପିଲାମାନଙ୍କ ମଧ୍ୟରେ ଆମ ପୂର୍ବ ପୁରୁଷଙ୍କ ସ୍ମୃତି କୁ ମନେ ପକାଇବା ସହିତ ଆମ ସଂସ୍କୃତି, ପରମ୍ପରା ବିଷୟରେ ପିଲାମାନେ ଅବଗତ ହେବା ସହିତ ଆମର ଉତ୍ତରଦାୟାଦମାନଙ୍କ ମଧ୍ୟରେ ବୁଡିଯାଉଥିବା ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରଚାର ପ୍ରସାରରେ ଏହା ପ୍ରଚାର, ପ୍ରସାର ହୋଇପାରିବ ବୋଲି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ମତ ପ୍ରକାଶ କରିଥିଲେ ।ସଞ୍ଜୟ ଗାନ୍ଧୀ ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଆଞ୍ଚଳିକ ସାଧନ କେନ୍ଦ୍ର ର ସଂଯୋଜକ ସୁକାନ୍ତ କୁମାର ସ୍ୱାଇଁ, ସଞ୍ଜୟ ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡା, ମା ଅମ୍ବିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନ, ନୋଳିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ତପନ କୁମାର ବିଷାଣି, ସବିତା ବେହେରା, ଦିପ୍ତିମୟୀ ପ୍ରଧାନ, ଅର୍ଚ୍ଚନା ସାହୁ ଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ ।





# ଶିକ୍ଷାବିତ୍ ବ୍ରଜନାଥ ଷଡ଼ଙ୍ଗୀଙ୍କ ସ୍ମୃତିଚାରଣ

**କୁଜଙ୍ଗ,୨୨।୨(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ବ୍ରଜନାଥ ଷଡଙ୍ଗୀଙ୍କୁ ତାଙ୍କ ଦାଦ୍ୱଶହାରେ ଗ୍ରାମବାସୀ, ଶିକ୍ଷାପ୍ରେମୀ ଓ ଜନପ୍ରତିନିଧିମାନେ ସ୍ମୃତିଚାରଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ସମାଜସେବୀ କୃତିବାସ ଷଡଙ୍ଗୀଙ୍କ ପୌରହିତ୍ୟରେ ହୋଇଥିବା ଏହି ସ୍ମୃତିଚାରଣରେ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ ଯୋଗ ଦେଇ ବ୍ରଜ ସାର୍‌ଙ୍କ ବହୁ ଉଦ୍ୟମୀ ଶିକ୍ଷାପ୍ରେମୀ ମାନେ ଚିକିରୀରୁ ଅବସର ପରେ ପଙ୍କପାଳର ଶିକ୍ଷା, ସଂସ୍କୃତି ଓ ଅନ୍ୟାନ ବିକାଶରେ ଯେଉଁ ଯୋଗଦାନ କରିଛନ୍ତି ତାହାର ତୁଳନା ବୋଲି କହିବା ସହ ପୂର୍ବତନ ମନ୍ତ୍ରୀ ଡା ଦାମୋଦର ରାଉତଙ୍କ ସହ ସେ ଅଞ୍ଚଳର ବିକାଶରେ ବହୁ କାର୍ଯ୍ୟ କରିଥିଲେ । ଏହି ଅବସରରେ ଶିକ୍ଷାବିତ୍ ବାନାମ୍ବର ଶତପଥି, ସ୍ୱନାମଧନ୍ୟ ଡାକ୍ତର ଡ. ସରୋଜ କୁମାର ଷଡଙ୍ଗୀ, ପଙ୍କପାଳ ବଣିକ ସଂଘର ସଭାପତି ଫକୀର ଦାସ, ସମ୍ପାଦକ ଦିଲୀପ କୁମାର ବେହେରା, ସନ୍ତୋଷ କୁମାର ଦାସ, ଭଗବାନ ନାୟକ, ରବୀନ୍ଦ୍ର ସାହଣୀ, ଅମରେଶ ପାତ୍ର, ଅକ୍ଷୟ ଦାସ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ବ୍ରଜ ସାର୍‌ଙ୍କ ନିସ୍ୱାର୍ଥ ଜୀବନ, ରାଜନୀତିରେ ଦୃଢ ସଂଗଠକ ଓ ପଙ୍କପାଳର ବିକାଶ ପାଇଁ ସବୁବେଳେ ଚିନ୍ତା କରୁଥିବା ନିଆରା ବ୍ୟକ୍ତିତ୍ୱ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମଙ୍କୁ ତାଙ୍କ ତିନି କନ୍ୟା ଯଶସ୍ୱନୀ, ମନସ୍ୱନୀ ଓ ବିତସ୍ୱନୀ ପରିଚାଳନା କରିଥିବା ବେଳେ ସମସ୍ତ ପୁତୁରା, ଜ୍ୱାଇଁ ଓ ଗ୍ରାମର ମୁରବୀ ଓ ଯୁବକମାନେ ପରିଚାଳନା କରିଥିଲେ ।

# କଲମ୍ବୋ ଅନ୍ତର୍ଜାତୀୟ କବି ସମ୍ମିଳନୀରେ କନିକାର ସୁଷମା, ଚାରିଆଡୁ ଶୁଭେଚ୍ଛାର ସୁଅ



**ରାଜକନିକା,୨୨ ।୨(ସମିସ):** କବିତା ପ୍ରତି ରହିଥିବା ଏକ ଆବେଗିକ ସମ୍ପର୍କ ତାଙ୍କୁ ଧୀରେ ଧୀରେ ରାଜ୍ୟ ପରେ ଜାତୀୟ ଓ ଏବେ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଆଣିଦେଇଛି । ସ୍କୁଲ ଓ କଲେଜ ଜୀବନର ଖିଆଲି ମୁହୂର୍ତ୍ତରୁ ଆରମ୍ଭ ହୋଇଥିବା କବିତାର ମୋହ ଏବେ ତାଙ୍କର ନିଅଣ୍ଟିଆ ତେଲ ଲୁଣର ସଂସାର ଭିତରେ ଦିନକୁ ଦିନ ଯାଜ୍ଜୁଲ୍ୟମାନ ହେବାରେ ଲାଗିଛି । ରାଜ୍ୟ ସ୍ତରର ବହୁ କବି ସମ୍ମେଳନରେ ନିଜର କବିତା ଚାତୁରୀ ଦ୍ୱାରା କାବ୍ୟିକ ସ୍ଥିତିକୁ ମଜଭୁତ କରି ଚାଲିଥିବା ରାଜକନିକାର ସୁଷମା ରାଉତ ଏବେ ନିଜର କାବ୍ୟିକ ବଳିଷ୍ଠତାରେ ପଞ୍ଜାବର ଅମୃତସରଠାରେ ଅନୁଷ୍ଠିତ ଅଲ ଇଣ୍ଡିଆ ପୋଏଟ୍ସ ମେଗା କନ୍ଫରେନ୍ସରେ ନିଜର ହିନ୍ଦୀ ଭାଷାରେ କବିତା ଆବୃତ୍ତି କରି ଉଚ୍ଚ ପ୍ରଶଂସିତ ହେବା ପରେ ଗତକାଲି ଶ୍ରୀଲଙ୍କାର କଲମ୍ବୋ ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ କବି ସମ୍ମିଳନୀ ରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।ତେବେ ରାଜକନିକାର ବାଙ୍ଗରକୁଆଁ ଗାଁରେ ଜନ୍ମିତ ସୁଷମା ସ୍ଥାନୀୟ ଦଶଭଗାରିଆ ଗାଁରେ ବିବାହ କରି କଟକରେ ସ୍ୱଳ୍ପ ପାରିଶ୍ରମିକରେ ଏକ ଘରୋଇ ଇଂରାଜୀ ବିଦ୍ୟାଳୟର ଶିକ୍ଷକତା ବୃତ୍ତିକୁ ଆବୋରି ନେଇଛନ୍ତି । ନିଜ ତେଲଲୁଣର ସଂସାର ଚଳାଇବାର କଷ୍ଟ ଭିତରେ କବିତା ରଚନାରେ ଉତ୍କୃଷତା ଲାଭ କରିବା ତାଙ୍କର ଲୁକ୍କାୟିତ ପ୍ରତିଭାକୁ ସାର୍ବଜନୀନ କରି ସାବାସୀ ସାଉଣ୍ଟିବାରେ ଲାଗିଛି । ଶ୍ରୀଲଙ୍କାରେ ଅନୁଷ୍ଠିତ ଆନ୍ତର୍ଜାତୀୟ କବି ସମ୍ମେଳନ ପାଇଁ ସୁଷମା ଓଡିଶାରୁ ମନୋନୀତ ହୋଇ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରିଥିବାରୁ ତାଙ୍କର ଏହି ଗାରିମାମୟ ଅଭିଯାନ ଶୁଭେଚ୍ଛୁ ମହଲରେ ଖୁସି ଆଣିଦେଇଛି ।

# ସାମନ୍ତରାପୁର ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ତିର୍ତ୍ତୋଲ,୨୨।୨(ସମିସ):** ଜଗତସିଂହପୁରଠାରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ପରିପ୍ରେକ୍ଷୀରେ ତିର୍ତ୍ତୋଲ ବ୍ଲକର ସାମନ୍ତରାପୁର ଗ୍ରାମପଞ୍ଚାୟତକୁ ତିର୍ତ୍ତୋଲ ବ୍ଲକସ୍ତରରେ ଶ୍ରେଷ୍ଠ ପଞ୍ଚାୟତଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ଡା.ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ପାରୁଲ ପଟ୍ଟାୱାରୀଙ୍କ ସମେତ ଶିକ୍ଷା ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସାମନ୍ତରାପୁର ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏଥିପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ସରପଞ୍ଚ ଶ୍ରୀମତୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ

# ‘ବିକାଶର ପରିଭାଷା ବଦଳାଇ ଦେଇଛନ୍ତି ମୁଖ୍ୟମନ୍ତ୍ରୀ’

**ପଟ୍ଟାମୁଣ୍ଡାଇ,୨୨।୨(ସମିସ)**

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଚନ୍ଦନନଗର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଏକ ସଭା ଆୟୋଜନ କରାଯାଇଥିଲା । ଚନ୍ଦନନଗର ସରପଞ୍ଚ ବନୋଜ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ‘ଆମ ଓଡିଶା ନବୀନ ଓଡିଶା’ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଂଜୁର ଅର୍ଥ ବିନିଯୋଗ କରି ଚନ୍ଦନନଗର ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ଯୋଗୁ ବିକାଶର ପରିଭାଷା ବଦଳିଛି ବୋଲି କହିଥିଲେ । ସଭାରେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଦାସ, ଚନ୍ଦନନଗର ସମବାୟ ସମିତି ସଭାପତି ସୁରେଶ ପଣ୍ଡା, ସମିତିସଭ୍ୟ ମାନସ ମଲିକ, ପୂର୍ଣ୍ଣ ଚନ୍ଦ୍ର ସିଂହ, ସୁଶାନ୍ତ ଦାସ, ଯୁବନେତା ଶଶିକାନ୍ତ ପଣ୍ଡା, ସୁନାକାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।



ସେହିପରି ଦିହୁଡିପୁର ପଞ୍ଚାୟତରେ ସରପଞ୍ଚ ନରେଶ ମଲିକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ‘ଆମ ଓଡିଶା ନବୀନ ଓଡିଶା’ ମିଳିଥିବା ଅର୍ଥ ବିନିଯୋଗ କରି ଦିହୁଡିପୁର ପଞ୍ଚାୟତକୁ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସଭାରେ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଧନୁର୍ଜୟ ସ୍ୱାଇଁ , ସମିତି ସଭ୍ୟା ପ୍ରମିଳା ଖଟୁଆ, ପୂର୍ବତନ ସରପଞ୍ଚ ଶ୍ରୀଧର ସ୍ୱାଇଁ, ଯୁବନେତା ସୂର୍ଯ୍ୟକାନ୍ତ ରାଉତ, ବାଣୀ ଭୂଷଣ ନାୟକ, ଭରତ ଚନ୍ଦ୍ର ସ୍ୱାଇଁ, ଗାଲେଖ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଆମ ଓଡିଶା ନବୀନ ଓଡିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ ।

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ଆୟତପୁର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସରପଞ୍ଚ ସୁପ୍ରିୟା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ସମିତି ସଭ୍ୟ ଜିତେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଅଜୟ ରାଉତ, ଯମପଡା ସରପଞ୍ଚ ମନୋଜକାନ୍ତ ପରିଡା, ପୂର୍ବତନ ସରପଞ୍ଚ ସୁକାନ୍ତ ସାହୁ, ସମାଜସେବୀ ଆଶୁତୋଷ ପାତ୍ର ପ୍ରମୁଖ ଯୋଗଦେଇ ‘ଆମ ଓଡିଶା ନବୀନ ଓଡିଶା’ ମାଧ୍ୟମରେ ବିକାଶଧାରା ଆଗେଇ ଚଲିଛି ବୋଲି କହିଥିଲେ । ମେଜର ଭରତ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ । ନାଏବ ସରପଞ୍ଚ ରଶ୍ମି ରଞ୍ଜନ ସାମଲ, ୱାର୍ଡ ମେମ୍ବର ହୃଷିକେଶ ଦାସ, ରାଧାକୃଷ୍ଣ ସାମଲ, ଜ୍ଞାନେନ୍ଦ୍ର ସାହୁ, ଉମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



# ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଅର୍ଥମନ୍ତ୍ରୀ



**ଭଞ୍ଜନଗର,୨୨।୨(ସମିସ):** ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଜଗନ୍ନାଥପ୍ରସାଦ ବ୍ଲକ ଗସ୍ତ କରି ବୁଧବାର ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପୂର୍ତ୍ତ ବିଭାଗ ଦ୍ୱାରା ବେଲଗୁଣ୍ଠା, ଗେରେଡା ଓ ଲେମ୍ବେଇ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ଗେରେଡା ଠାରେ ଏକ ମିଶନ ଶକ୍ତି ଗୃହର ଶୁଭ ଉଦଘାଟନ କରିଥିଲେ। ଏହାପରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ ହୋଇଥିବା ଲୋକାଭିମୁଖୀ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆମ ଓଡ଼ିଶା, ନବୀନ ଓଡ଼ିଶାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ଆରୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିବା ସହ ଗେରେଡା ପଞ୍ଚାୟତର ବିକାଶ ଓ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର, ବିଇଓ କଲ୍ୟାଣି ପାଢ଼ୀ, ବିଡ଼ିଓ ଅଶ୍ୱିନୀ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ, ଗେରେଡା ସରପଞ୍ଚ ପ୍ରଦୀପ କୁମାର ସେଠୀ, ଜିଲ୍ଲା ପରିଷଦ ଶିବ ସେଠୀ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ସମାଜସେବୀ ଶୂଳ ପାଣି ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ବିଜୁସେତୁର ସଫଳତା

# ନକ୍ସଲ ପ୍ରବଣ ଅଞ୍ଚଳ ଲୋକଙ୍କ ଉନ୍ନତିର ମାଧ୍ୟମ





**ବାଲିଗୁଡା, ୨୨।୨(ସମିସ):** ନକ୍ସଲ ପ୍ରବଣ ଅଚଂଳରେ ପରିବହନ, ଶିକ୍ଷା ଏବଂ ଆର୍ଥିକ ସ୍ଥିତିର ସୁଧାର ଆଣିଛି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ବିଜୁ ସେତୁ। ଦିନ ଥିଲା କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡର ବହୁ ଗ୍ରାମାଚଂଳ ଜିରୋ କନେକ୍ଟିଭିଟି ଅଚଂଳ ଭାବେ ପରିଚିତ ଥିଲା। କିନ୍ତୁ ବାଲିଗୁଡା ବିଧାନସଭା ନିର୍ବାଚନମଣ୍ଡଳୀରେ ୫ ବର୍ଷର ଯୋଜନା ମଧ୍ୟରେ ୩୭ ସଡ଼କ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଏହା ବାଲିଗୁଡା ଉପଖଣ୍ଡରେ ଏବେ ଗମନାଗମନରେ ଲୋକଙ୍କ ଆର୍ଥିକ ସ୍ଥିତିରେ ବରଦାନ ସଦୃଶ୍ୟ ହୋଇପାରିଛି। ବିଶେଷକରି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ କିଭଳି ଗ୍ରାମାଚଂଳକୁ ସହର ସହ ଯୋଡିବା। କିଛି ବର୍ଷ ପୂର୍ବରୁ ଯେଉଁ କନ୍ଧମାଳକୁ ପର୍ଯ୍ୟଟକ ଆସିବା ପାଇଁ ମନ ଉଣା କରୁଥିଲେ ଆଜି କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସଡ଼କ ଯୋଜନା ପର୍ଯ୍ୟଟନ କ୍ଷେତ୍ରରେ ବେଶ୍ ବିକାଶ ଆଣିପାରିଛି। ବାଲିଗୁଡ଼ା ଉପଖଣ୍ଡର ଗ୍ରମାଚଂଳକୁ ବ୍ଲକ ସଦରମହୁମାକୁ ଯୋଡ଼ିବା କ୍ଷେତ୍ରରେ, ଜିଲ୍ଲା ସୀମାନ୍ତ ଅଚଂଳ କିମ୍ବା ସୀମାନ୍ତ ଜିଲ୍ଲାକୁ ସଂଯୋଗକରଣରେ ଏହି ସଡ଼କ ଯୋଜନା ଓ ବିଜୁ ସେତୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ସୁନା ଗାଁ -କୁର୍ତିପଡ଼ି ଠାରେ ହାଇ ଲେବଲ ବ୍ରିଜ ଯାହାର ଦୈର୍ଘ୍ୟ ୧୦୧.୪୪ ମିଟର ୬୫୨.୦୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏଥିଯୋଗୁଁ କଳାହାଣ୍ଡି ଜିଲ୍ଲାକୁ କନ୍ଧମାଳ ଜିଲ୍ଲା ସହ ସଂଯୋଗୀକରଣ ହୋଇପାରିଛି। ସ୍ଥାନୀୟ ଗ୍ରାମବାସୀ ତଥା ସୁନାଗାଁ, ମୁଣ୍ଡିଗଡ଼, କୁର୍ତିପଡ଼ା, କେନ୍ଦୁପଡ଼ା, ଗୁଟୁକାପଦର, ଜାଗେରିଗା, କପିବିରା, ଦିଗପଙ୍ଗା, ଦେଓପାଟା, ସିନ୍ଧି ପଙ୍କାଲ, ବଲକି, ଡାଙ୍ଗେସିଗୁଡା, କଡୁକୁଡୁପା, କାଦେମ, ଶ୍ରୀଗୁଣ୍ଡି, ପିଡେଲ ଗ୍ରାମର ୪ହଜାର ୬୦୦ ଗ୍ରାମବାସୀ ଏଥିରେ ଉପକୃତ ହୋଇପାରିଛନ୍ତି। ସେହିପରି କୁର୍ଭମଗଡ଼ର ନକ୍ସଲ ପ୍ରବଣ ଅଚଂଳ ସିର୍ଲା ଗ୍ରାମକୁ ସହର ସହ ଯୋଡିବା ନିମନ୍ତେ କୁର୍ଭମଗଡ଼ର ସିର୍ଲା ରୋଡ଼ ସହ ୪୩.୦୮ ମିଟର ବିଜୁସେତୁ ନିର୍ମାଣ କରାଯାଇଛି। ଏଥିରେ କୁର୍ଭମଗଡ଼, ରାମପୁର, ସିକ୍କି, ବିନାରି, ସପାରି, ମାଲାଙ୍ଗପଦର, ଡଲାବାଲି, ପିଡାମାହ, ବୁଢାଖାମ୍ବା, ଡିଜେନଗର, ଲେଙ୍ଗେରମାହା, ନାକୁଡିପଡ଼ା, ରିସାଙ୍ଗପାଙ୍ଗା ୧୪ ଖଣ୍ଡ ଗ୍ରାମର ୮ ହଜାର ୬୦୦ ଗ୍ରାମବାସୀ ସହର ସହ ଯୋଡି ହୋଇଛନ୍ତି। ସେହିପରି ବାଲିଗୁଡା ବ୍ଲକର ଅତି ମାଓ ପ୍ରବଣ ଅଞ୍ଚଳ ଖମନଖୋଲ ଠାରୁ କିଲୋକଣା ୨.୬୦୯ କିଲୋମିଟର ରାସ୍ତା୨.୮୧ ଲକ୍ଷଟଙ୍କା ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏବେ ସଂଯୋଗୀକରଣ ହେବା ଦ୍ୱାରା ଖମନଖୋଲ, ଗଣ୍ଡିକିଆ ଏବଂ କିଲୋକଣା ଅଞ୍ଚଳର ୯୦୦ ଆଦିବାସୀ ଗ୍ରାମର ୩୦ ହଜାର ଜନସାଧାରଣ ବାଲିଗୁଡା ସହର ସହ ଯୋଡି ହୋଇଛନ୍ତି।ସେହିପରି ଦାରିଙ୍ଗବାଡି ଠାରୁ ପର୍ଡମାହା ୭.୨ କିଲୋମିଟର ରାସ୍ତା ୭କୋଟି ୧୮ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେଉଥିବା ବେଳେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି। ଓଡ଼ିଶାରେ ହଟଚମକ କରିଦେଇଥିବା ଗୁମୁଡୁମାହା ଗ୍ରାମକୁ କୁ ପଚାଂୟତ ସଦର ମହକୁମାକୁ ଯୋଡିବା ନିମନ୍ତେ ଟଙ୍ଗମ ଠାରୁ ଡୁକୁଲାମିଲା ୮ କୋଟି ୫୨ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟବରାଦରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ରହିଛି। ସେହିପରି ୨୦ ଟି ହାଇଲେବେଲ ବ୍ରିଜ ସହ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ନେଇ ଏକ ବର୍ଷରେ କାର୍ଯ୍ୟ ଶେଷକରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଦିନ ଥିଲା କନ୍ଧମାଳ ର ବାଲିଗୁଡା କହିଲେ ପର୍ଯ୍ୟଟକ ମନ ଉଣା କରୁଥିବା ବେଳେ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପର୍ଯ୍ୟଟନ କ୍ଷେତ୍ର ରେ ବେଶ ପରିବର୍ତ୍ତନ ଆଣିପାରିଛି

# ନିମଖଣ୍ଡି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁକୁଡ଼ାଖଣ୍ଡି,୨୨।୨(ସମିସ):** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ନିମଖଣ୍ଡି ସରକାରୀ ଆଶ୍ରମ ବିଦ୍ୟାଳୟରେ ବୁଧବାର ବାର୍ଷିକ ଉତ୍ସବ ଓ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବ ରଞ୍ଜନ ଦାଶ ସଭାପତି ଆସନ ଅଳଙ୍କୃତ କରିଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ବିଭାଗର ଡେପୁଟି ଡାଇରେକ୍ଟର, ବ୍ରହ୍ମପୁର (ଏସ୍.ଏସ. ଡି.) ଅଶୋକ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦୟାନିଧୀ ଦାଶ, ସମ୍ମାନୀତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଅମ୍ରିତା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ପାଢି, ସରକାରୀ ଉଚ୍ଚବିଦ୍ୟାଳୟ ହୁମ୍ମା (ଏସ୍.ଏସ.ଡି.) ପ୍ରଧାନଶିକ୍ଷକ ଅଶୋକ କୁମାର ପାଢି, ନିମଖଣ୍ଡି କ୍ଲଷ୍ଟରର ସି.ଆର. ସି.ସି. ଲୋକନାଥ ପାଢି ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଡେପୁଟି ଡାଇରେକ୍ଟର ଛାତ୍ରୀମାନଙ୍କୁ ସମୟାନୁବର୍ତିତା ହେବା ସହ ଜୀବନରେ ଶୃଙ୍ଖଳା ରକ୍ଷା କରିବାକୁ ଉପଦେଶ ଦେଇଥିଲେ। ହୁମା ହାଇସ୍କୁଲର ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କୁ ଜୀବନର ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଛାତ୍ରୀମାନଙ୍କୁ ଜୀବନରେ ୧୭ ବର୍ଷ ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ଅଧ୍ୟବସାୟ କଲେ ପର ସମୟରେ ଖୁସିରେ ଜୀବନ ଯାପନ କରିପାରିବ ବୋଲି ଉପଦେଶ ଦେଇଥିଲେ। କୃତି ଛାତ୍ରୀମାନଙ୍କୁ ଟ୍ରଫି ସହିତ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ପରେ ବିଦ୍ୟାଳୟର କୁନିକୁନି ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ଦିଗପହଣ୍ଡି,୨୨।୨(ସମିସ):** ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଶିକ୍ଷକ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକରେ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ୬୩୨ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ଗଣିତ ଓ ଇଂରାଜୀ ବିଷୟଭିତ୍ତିକ ଶିକ୍ଷଣ ଅଭିବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ତଥା ସହ ମଣ୍ଡଳ ଶିକ୍ଷାଧିକାରୀ ବାଳା ମାଝୀ, ଏବିଇଓ ବିଶ୍ରାବା ପାଇକ ଓ ରସାନନ୍ଦ ଘଡ଼େଇ ସମ୍ପୂର୍ଣ୍ଣ ନିରୀକ୍ଷଣ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ସହଯୋଗ କରିଥିଲେ। ଉଚ୍ଚ ପ୍ରାଥମିକ ଗଣିତ ବିଭାଗରେ ସମ୍ବଳ ଶିକ୍ଷକ ରୂପେ ପି.ଦେବେନ୍ଦ୍ର ରେଡ୍ଡୀ, ମନୋଜ କୁମାର ବେହେରା, ଶ୍ରୀକାନ୍ତ କୁମାର ସାମନ୍ତରାୟ, ବିଜୟ ପ୍ରଧାନ, ଅନାଦି ପ୍ରଧାନ, ଉପେନ୍ଦ୍ର କୁମାର ମିଶ୍ର, ଜ୍ଞାନେନ୍ଦ୍ର ପ୍ରସାଦ ପାତ୍ର, ଶିକ୍ଷୟିତ୍ରୀ ଅଳକା ପ୍ରଧାନ ଏବଂ ପ୍ରାଥମିକ ଇଂରାଜୀ ବିଭାଗରେ ସମ୍ବଳ ଶିକ୍ଷକ ରୂପେ ପ୍ରଦୀପ କୁମାର ମହାପାତ୍ର, ଅନିଲ କୁମାର ସାହୁ, ଜିତେନ୍ଦ୍ର ପ୍ରଧାନ, ସୁନୀଲ କୁମାର ବାଡ଼ତ୍ୟା, ସମର କୁମାର ମଲ୍ଲିକ, ସୁନୀଲ କୁମାର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ସରିତା ନନ୍ଦ, କେ.ମୋନାଲିସା ପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

# ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିରେ ଅନିୟମିତତା ନେଇ ବିଡିଓଙ୍କୁ ଦାବିପତ୍ର

**ଦାରିଙ୍ଗବାଡ଼ି, ୨୨।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସରାମୁଳି ପଞ୍ଚାୟତ ଅନ୍ତର୍ଗତ ଗୁଡ୍ରିଗାଁ ଅଙ୍ଗନବାଡି ସହାୟିକା ପଦ ଅନିୟମିତତାରେ ପୂରଣ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଡ଼ିଓ ଗଦାଧର ପାତ୍ର ଅନ୍ୟ କୌଣସି କାର୍ଯ୍ୟକୁ ନେଇ ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଗ୍ରାମବାସୀ କ୍ୟାସିୟର ବିଭୁତି ଭୂଷଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗୁଡ୍ରିଗାଁ ଅଙ୍ଗନବାଡି କର୍ମୀ ସୁଶୀଳା ପାଟମାଝୀ ଠିକ ଭାବେ କାମ କରୁନଥିବା ଯୋଗୁଁ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ର ତାଲା ପକାଇ ପ୍ରତିବାଦ କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏଥି ସହିତ ସେ ଗ୍ରାମବାସୀଙ୍କ ଅଜାଣତରେ ଅଙ୍ଗନବାଡ଼ି ସହାୟିକା ପଦ ପୂରଣ କରିଥିବା ଅଭିଯୋଗ କରିଛନ୍ତି। ସହାୟିକା ପଦକୁ ଖାରଜ କରି ପୁଣି ଥରେ ନୂତନ ଭାବେ ଗ୍ରାମବାସୀ ଙ୍କୁ ଜଣାଇ ବିଜ୍ଞାପନ ବାହାର କରାଯାଉ ବୋଲି ଦାବି କରିଛନ୍ତି ଗ୍ରାମବାସୀ। ପୁନର୍ବାର ନିଯୁକ୍ତି କରାଯିବା ପର୍ଯ୍ୟନ୍ତ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ର ତାଲା ପକାଇ ପ୍ରତିବାଦ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସିଡ଼ିପିଓ ଅଞ୍ଜଳି ମହାପାତ୍ରଙ୍କୁ ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। କୌଣସି ସୁଫଳ ମିଳିନଥିବା ଗ୍ରାମବାସୀ କହିଛନ୍ତି। ଘଟଣା ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀଙ୍କ ସହ ଯୋଗାଯୋଗ ହୋଇ ପାରିନଥିବା ବେଳେ ସିଡ଼ିପିଓଙ୍କୁ ଯୋଗଯୋଗ କରିବାରେ ତାଙ୍କ ଉପର ଅଧିକାରୀଙ୍କୁ ସେ ଜଣାଇଛନ୍ତି ବୋଲି କହିଛନ୍ତି।



# ଅମୃତ ବିତରଣ କରେ ରାମଚରିତ ମାନସ : ପଣ୍ଡିତ କୃପାସିନ୍ଧୁ ମିଶ୍ର



**ଦିଗପହଣ୍ଡି, ୨୨।୨(ସମିସ):** ଦିଗପହଣ୍ଡି ରାଜବାଟି ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଷଷ୍ଠ ଦିବସରେ ପହଞ୍ଚିଛି। ପ୍ରଭୂ ଭରତଙ୍କ ଚିତ୍ରକୂଟ ଗମନ ପ୍ରସଙ୍ଗ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରି ପ୍ରବକ୍ତା ମାନସ ଚକ୍ରବର୍ତ୍ତୀ ପଣ୍ଡିତ କୃପାସିନ୍ଧୁ ମିଶ୍ର ରାମାୟଣ ପଠନ ଓ ଶ୍ରବଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ବିଷତ୍ୱ ନଷ୍ଟ କରି ଅମୃତ ବୀତରଣ କରିବା କ୍ଷମତା କେବଳ ରାମଚରିତ ମାନସ ପାରାୟଣରେ ରହିଥିବା ସେ କହିଥିଲେ। ଆଇନଜୀବୀ ହରପ୍ରସାଦ ରଥଙ୍କ ସଂଯୋଜନା ଏବଂ ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଜଗବନ୍ଧୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ପ୍ରାଧ୍ୟାପକ ଡ. ରାଜେନ୍ଦ୍ର କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପୁରୀ ରାମଦୟା ପରିଷଦର ମହାମଣ୍ଡଳେଶ୍ୱର ମହନ୍ତ ଶ୍ରୀ ଗଙ୍ଗାରାମ ଦାସଜୀ ମହାରାଜ ପ୍ରସଙ୍ଗ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରିଚାଳନା କମିଟି କର୍ମକର୍ତ୍ତା ଭାଗିରଥି ଚୌଧୁରୀ, ସତ୍ୟନାରାୟଣ ଦାଶ, ହରିକୃଷ୍ଣ ସାହୁ, କାଳୁଚରଣ ପାଣିଗ୍ରାହୀ, ଲକ୍ଷ୍ମୀ ନୃସିଂହ ମାର୍ଥା, ପଣ୍ଡିତ ପ୍ରଭାକର ଦାଶ, ଲକ୍ଷ୍ମୀ ନାରାୟଣ ଦାଶ, ପି. ଗୋବିନ୍ଦ ପାତ୍ର, ହେମନ୍ତ କୁମାର ପାଣିଗ୍ରାହୀ, ବିନୋଦ ଚନ୍ଦ୍ର ଦାଶ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଗୌରଚନ୍ଦ୍ର ପୂଜାରୀ, ଏମ୍. ବାଇନାଥ ଓ ଅନ୍ୟ ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାଶୀନଗରର ନୂତନ ବିଡିଓ

**କାଶୀନଗର,୨୨।୨(ସମିସ):** କିଛି ଦିନ ପୂର୍ବେ ଓଏଏସ ସ୍ତରରେ ବଦଳି କରାଯାଇଥିବା ବେଳେ କାଶୀନଗର ବିଡ଼ିଓ ଦାୟିତ୍ୱରେ ଥିବା ଅନୁପ ପଣ୍ଡି ବୌଦ୍ଧ ଜିଲ୍ଲାର ଉପଜିଲ୍ଲାପାଳ ଭାବେ ପଦୋନ୍ନତି ହୋଇ ବଦଳି ହୋଇଥିଲେ। ପରେ କିଛି ଦିନ ପାଇଁ ତହସିଲଦାର ଅଶୋକ ପ୍ରଧାନ ବିଡ଼ିଓ ଦାୟିତ୍ୱ ନେଇଥିବା ବେଳେ ବୁଧବାର ନୂତନ ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଶରତ କୁମାର ପାତ୍ର।



ଏହା ପୂର୍ବରୁ ସେ ଗୁମ୍ମା ବ୍ଲକରେ ବିଡ଼ିଓ ଭାବେ ଥିଲେ। ସେଠାରେ ଅଳ୍ପ ଦିନର ବହୁ ବିକାଶମୂଳକ କାର୍ଯ୍ୟ କରିଥିଲେ ବିଡ଼ିଓ ଶ୍ରୀ ପାତ୍ର। କାଶୀନଗର ବ୍ଲକର ସମସ୍ତ ବିକାଶ ମୂଳକ କାର୍ଯ୍ୟ ସହ ସରକାରଙ୍କ ପ୍ରତ୍ୟେକ ଯୋଜନାରେ ହିତାଧିକାରୀ କିପରି ସୁବିଧା ପାଇବେ ସେଥିପ୍ରତି ଦୃଷ୍ଟି ଦେବେ ଓ ପ୍ରତ୍ୟେକ କାର୍ଯ୍ୟ ଦାୟିତ୍ୱ ସହ ତୁଲାଇବେ ବୋଲି ଶ୍ରୀ ପାତ୍ର କହିଛନ୍ତି।

# ବ୍ଲକ୍ ସ୍ତରୀୟ ଦକ୍ଷତା ମେଳା

**ଭଞ୍ଜନଗର, ୨୨।୨(ସମିସ):** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତ ସମିତିର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ବୈଷୟିକ ଶିକ୍ଷା ଓ ତାଲିମ୍ ନିମନ୍ତେ ପରାମର୍ଶ ମେଳା ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ବିଭିନ୍ନ ତାଲିମ୍ ପ୍ରତିଷ୍ଠାନ ମାନଙ୍କରେ ଥିବା ସୁବିଧା ଓ ସୁଯୋଗ ସହ ନିଯୁକ୍ତି ଭିତ୍ତିକ ତାଲିମ୍ କେନ୍ଦ୍ର ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନରୀ ସଭା ନାୟକ,




ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଓଏଲଏମର ବିପିଏମ ସମୀର କୁମାର ପାଢ଼ୀ ଓ ଜିତେନ୍ଦ୍ର ଉପାଧ୍ୟାୟ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ, ଶିଳ୍ପ ତାଲିମ ଅନୁଷ୍ଠାନ ଓ ନିଯୁକ୍ତିଭିତ୍ତିକ ତାଲିମ କେନ୍ଦ୍ରର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଦକ୍ଷତାର ବିକାଶକୁ ନେଇ ବିଭିନ୍ନ ପ୍ରକାର ତାଲିମ ଗ୍ରହଣ କରି ସ୍ୱାବଲମ୍ବୀ ହେବା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭଞ୍ଜନଗର ବ୍ଲକରୁ ବିଭିନ୍ନ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜନ୍ମ ଉତ୍ସବ ପାଳିତ

**ବେଲଗୁଣ୍ଠା, ୨୨।୨(ସମିସ):** ବେଲଗୁଣ୍ଠା ସୁଡୁମୁସର ରୋଡ଼ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜନ୍ମ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭି ଦେବୀ ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଅନୁଷ୍ଠାନ ସମ୍ପାଦକ ବୁଲୁ ଦାସ ଏବଂ ଅଧ୍ୟକ୍ଷା ବାସନ୍ତୀ ଦାସ ମଞ୍ଚାସୀନ ରହି ଅନୁଷ୍ଠାନର ସଫଳତା ଏବଂ ପ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ସହିତ କେକ୍ କଟାଯାଇ ଛାତ୍ରଛାତ୍ରୀଙ୍କ ସହିତ ଅନୁଷ୍ଠାନର ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସତ୍ୟ ନାରାୟଣ ସୁଆର, ରଶ୍ମିତା ସାହୁ, କାଜଲ୍ ବିଷୋୟୀ, ତୁଳସୀ ବିଶ୍ୱାଳ, ସ୍ମୃତିରେଖା ନାୟକ ଏବଂ ମାଉସୀ ନନ୍ଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ମୁଖ୍ୟରାସ୍ତା ଅବରୋଧରେ ବଢୁଛି ଦୁର୍ଘଟଣା

**ପୋଲସରା,୨୨।୨(ସମିସ):** ପୋଲସରା ଏନ୍ଏସିର ବହୁ ୱାର୍ଡରେ କିଛି ସ୍ଥାନୀୟ ବାସିନ୍ଦା ମୁଖ୍ୟରାସ୍ତା ଉପରେ ବିଭିନ୍ନ ଆଳ ଦେଖାଇ ମୁଗ, ଚଣା, ବିରି ଭଳି ଶସ୍ୟ ରଖି ରାସ୍ତା ଅବରୋଧ କରୁଛନ୍ତି। ଯାହା ଫଳରେ ଉକ୍ତ ରାସ୍ତା ଦେଇ

## ଏନ୍ଏସି ପକ୍ଷରୁ ସଚେତନତା

ଯିବାଆସିବା କରୁଥିବା ଜନସାଧାରଣ ନାହିଁ ନଥିବା ଆସୁଥିବାର ସମ୍ମୁଖୀନ ହେଉଥିବା ବେଳେ ଛୋଟ ବଡ଼ ଦୁର୍ଘଟଣାରେ ପଡ଼ି ଗୁରୁତର ହୋଇଥିବା ଭଳି ଘଟଣା ମାନ ନଜରକୁ ଆସୁଛି। ଏଭଳି ଘଟଣା ଓ ଦୁର୍ଘଟଣାର ଅଭିଯୋଗକୁ ଭିର୍ତ୍ତି କରି ବୁଧବାର ପୋଲସରା ଏନ୍ଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଟୁଲିପ୍ ଇନ୍ ଟର୍ନ ଯାଜ୍ଞସେନୀ ବେହେରା, ସ୍ୱଚ୍ଛସାଥି ବବିତା ବେହେରା, ଲଭଲି ମଲ୍ଲିକ ଓ



ରଶ୍ମିତା ରାଉତ ବସଷ୍ଟାଣ୍ଡ ନିକଟସ୍ଥ ୧୬ ନମ୍ବର ୱାର୍ଡ ପାଟିଗଡ଼ ସାହିକୁ ଡାକବାଜି ଯନ୍ତ୍ର ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏପରିକି ପାଟିଗଡ଼ ମୁଖ୍ୟରାସ୍ତାରେ ଘର ନିର୍ମାଣ ସାମଗ୍ରୀ ସହ ଖାଦ୍ୟ ଶସ୍ୟ ମନଇଚ୍ଛା ମୁଖ୍ୟ ରାସ୍ତା ଉପରେ ରଖି ବେଆଇନ ଭାବେ ରାସ୍ତା ଅବରୋଧ କରୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ସମ୍ପର୍କକୁ ନେଇ ସ୍ୱଚ୍ଛସାଥି ଲୋକଙ୍କ ଘରକୁ ଘର ବୁଲି ଏଭଳି ଅବାଧ ରାସ୍ତା ଅବରୋଧରୁ ନିବୃତ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏନ୍ଏସିର ବିଭିନ୍ନ ୱାର୍ଡର ବିକାଶ ଓ ଏହାର ଉନ୍ନତିକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏସବୁର ଗୁରୁଦାୟିତ୍ୱ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଏବଂ ଜନସାଧାରଣ ନେବା କଥା। ହେଲେ ସଚେତନତା ଅଭାବରୁ ପାଟିଗଡ଼ ଭଳି ବହୁ ୱାଡ଼ରେ ମଧ୍ୟ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମୁଖ୍ୟ ରାସ୍ତା ଉପରେ ଅଳିଆ ଆବର୍ଜନା ଭଳି ବହୁ ଅଦରକାରୀ ସାମଗ୍ରୀ ରାସ୍ତା ଉପରେ ରଖି ଯିବାଆସିବା ରାସ୍ତାକୁ ଅବରୋଧ କରୁଛନ୍ତି। ମଙ୍ଗଳବାର ମହିଳା ସଭାନେତ୍ରୀ କନକ ରାଉତ ପୋଲସରାରୁ ନିଜ ଘର ପାଟିଗଡ଼କୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କୌଣସି ଲୋକ ମୁଖ୍ୟ ରାସ୍ତା ଅବରୋଧ କରନ୍ତି ତେବେ ଆଇନଗତ ଅନୁସାରେ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଛତ୍ରପୁର, ୨୨।୨(ସମିସ):** ଛତ୍ରପୁର ବ୍ଲକ ଚମାଖଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ୫ମ ବାର୍ଷିକ ଉତ୍ସବ ଫୋଲିକ ପ୍ରିନସିପାଲ ରଞ୍ଜିତ କୁମାର ରଣାଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁଭାଷ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିବା ସହିତ ଚରିତ୍ର ଗଠନ ଓ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଫିସର ଅରୁଣ କୁମାର ପଟେଲ ଓ ଛତ୍ରପୁର ବିଇଓ ସୀତାରାମ ପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁମିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅନୁଷ୍ଠାନର ପ୍ରିନସିପାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଣିତ ଶିକ୍ଷକ ଦାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୨-୨୩ଶିକ୍ଷା ବର୍ଷ ରେ ବିଦ୍ୟାଳୟର ଛାତ୍ର ଅବିନାଶ ଚୌଧୁରୀ ୯୪ପ୍ରତିଶତ ମାର୍କ ରଖି ଛତ୍ରପୁର ବ୍ଲକରେ ଟପର ହୋଇଥିଲେ। ଏହି ଅବସର ରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ବିଭିନ୍ନ କ୍ରୀଡ଼ାରେ ଜାତୀୟ ଫୋରମରେ ସୁନାମ ଆଣିଥିବା ବିଦ୍ୟାଳୟର କ୍ରୀଡ଼ାବିତ ଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା



